

Odia Daily
www.theutkalsamachar.com
# ଉତ୍କଳ ସମାଚାର
ବୈପ୍ଳବିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



Vol - 21 + Issue No:169 + 15 October 2025 (Wednesday) + Rourkela + Rs.2.00 + Page -1 + ୨୧ ବର୍ଷ + ସଂଖ୍ୟା:୧୬୯ + ୧୫ ଅକ୍ଟୋବର ୨୦୨୫ (ବୁଧବାର) + ରାଉରକେଲା + ମୂଲ୍ୟ:ଟ.୨.୦୦ + ପୃଷ୍ଠା-୬

# ମେଗା ଷ୍ଟାରସିପ୍ ରକେଟ୍ ଲଚଂ ସଫଳ :

## ହିନ୍ଦ ମହାସାଗରରେ କଲା ଲ୍ୟାଣ୍ଡିଂ



ନୂଆଦିଲ୍ଲୀ,୧୪/୧୦:ଏଲନ ମସ୍କଙ୍କୁ ବଡ଼ ସଫଳତା । ସ୍ପେସ୍ ଷ୍ଟାରସିପ୍‌ର ସଫଳ ଲଚଂ । ଚନ୍ଦ୍ର ଓ ମଙ୍ଗଳକୁ ରାସ୍ତା ହେଲା ସହଜ । ବିଶ୍ୱର ସବୁଠୁ ଧନୀ ବ୍ୟବସାୟୀ ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସ ମେଗା ଷ୍ଟାରସିପ୍ ରକେଟ୍‌ର ୧୧ତମ ଟେଷ୍ଟ ଫ୍ଲାଇଟ୍ ଲଚଂ କରିଛି । ଟେକ୍ସାସର ଷ୍ଟାରବେସ୍‌ରୁ ଷ୍ଟାରସିପ୍ ରକେଟ୍ ଉତକ୍ଷେପଣ ହୋଇଛି । ମହାକାଶରେ ଚକର ଲଗାଇବା ପରେ ହିନ୍ଦ ମହାସାଗରରେ ଅବତରଣ କରିଛି ରକେଟ୍ । ଏହାର ଲକ୍ଷ୍ୟ ହେଉଛି ଅଧା ବିଶ୍ୱରେ ପହଚିଂ ଡମି ସାଟେଲାଇଟ୍ ଲଚଂ କରିବା । ଷ୍ଟାରସିପ୍, ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ରକେଟ୍ ଯାହା ଟେକ୍ସାସର ଦକ୍ଷିଣ ପ୍ରାନ୍ତରୁ ଉତକ୍ଷେପଣ କରାଯାଇଛି । ହିନ୍ଦ ମହାସାଗରରେ ଅବତରଣ ମହାସାଗରରେ ଅବତରଣ କରିବା ପୂର୍ବରୁ ମହାକାଶରେ ଘୁରି ଥିଲା ଷ୍ଟାରସିପ୍ । ଏହି ଉଡ଼ାଣ ପ୍ରାୟ ଗୋଟିଏ ଘଟାଂ ଧିରା ଚାଲିଥିଲା । ଏହାର ସମସ୍ତ ଲକ୍ଷ୍ୟ ହାସଲ କରିଛି । ଏହା ପୂର୍ବରୁ ଅଗଷ୍ଟରେ ୧୦ମ ଟେଷ୍ଟ ହୋଇଥିଲା । ସ୍ପେସଏକ୍ସ ପ୍ରତିଷ୍ଠାତା ତଥା ସିଇଓ ଏଲନ ମସ୍କ ମଙ୍ଗଳ ଗ୍ରହକୁ ଲୋକଙ୍କୁ ପଠାଇବା ପାଇଁ ଏହାକୁ ବ୍ୟବହାର କରିବାକୁ ଚାହୁଁଛନ୍ତି । ମହାକାଶ ସଂସ୍ଥା ତାର ୪୦୩-ଫୁଟ (୧୨୩-ମିଟର) ଲମ୍ବା ଷ୍ଟାରସିପ୍ ବିନା ଦଶନ୍ଧି ଶେଷ ସୁଦ୍ଧା ମହାକାଶଚାରୀମାନଙ୍କୁ ଚନ୍ଦ୍ରରେ ଅବତରଣ କରିପାରିବ ନାହିଁ । ଏପରି ସ୍ଥିତିରେ ଏହା ଏକ ବ୍ୟବହାରଯୋଗ୍ୟ ଯାହା ଚନ୍ଦ୍ର କକ୍ଷପଥରୁ ପୃଷ୍ଠକୁ ଏବଂ ପୁନର୍ବାର ଫେରାଇ ଆଣିବା ପାଇଁ ଡିଜାଇନ୍ କରାଯାଇଛି । ଏହାର ସଫଳ ପରୀକ୍ଷଣ ଚନ୍ଦ୍ର ଏବଂ ମଙ୍ଗଳ ମିଶନ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଟେଷ୍ଟ ଦେଖିଲେ ଏଲନ ମସ୍କ- ଏଲନ୍ ମସ୍କ କହିଛନ୍ତି ଯେ, ସାଧାରଣତଃ ଲଚଂ ନିୟନ୍ତ୍ରଣ ଭିତରେ ରହିବା ପରିବର୍ତ୍ତେ, ପ୍ରଥମ ଥର ପାଇଁ ବାହାରରୁ ଦେଖୁଥିଲେ । ଅଗଷ୍ଟରେ ଷ୍ଟାରସିପ୍‌ର ପୂର୍ବ ପରୀକ୍ଷଣ ଉଡ଼ାଣ ବିଫଳତା ପରେ ସଫଳ ହୋଇଛି । ଏଥର ମହାକାଶଯାନକୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିଲା । ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲନ ମସ୍କଙ୍କ ମାଲିକାନାରେ ଥିବା କମ୍ପାନୀ ସ୍ପେସଏକ୍ସ ଏହି ରକେଟ୍ ତିଆରି କରିଛି । ଏହି ଉଡ଼ାଣର ଉଦ୍ଦେଶ୍ୟ ଥିଲା ପରବର୍ତ୍ତୀ ପିଢ଼ିର ସୁପର ହେଭି ବୁଷ୍ଟର ପାଇଁ ତଥ୍ୟ ସଂଗ୍ରହ କରିବା । ଭବିଷ୍ୟତରେ ରକେଟ୍‌କୁ ଉଡାଣ ଭରିଥିବା ସ୍ଥାନକୁ ଫେରାଇ ଆଣିବା ଏହା ଲକ୍ଷ୍ୟ ରଖାଯାଇଛି । ମସ୍କ ଏହି ଫଳାଫଳକୁ ଷ୍ଟାରସିପ୍‌ର ବିକାଶ ପାଇଁ ଏକ 'ବଡ଼ ପଦକ୍ଷେପ' ଭାବରେ ପ୍ରଶଂସା କରିଛନ୍ତି । ୨୦୨୭ ସୁଦ୍ଧା ଚନ୍ଦ୍ରକୁ ମଣିଷ ପଠାଇବାର ଯୋଜନା ରହିଛି ।ସ୍ପେସଏକ୍ସ ମଧ ନାସାର ଆର୍ଟେମିସ୍ କାର୍ଯ୍ୟକ୍ରମ ପାଇଁ ଏହି ରକେଟ୍ ପ୍ରସ୍ତୁତ କରୁଛି, ଯାହା ୨୦୨୭ ସୁଦ୍ଧା ଦ୍ୱିତୀୟ ଥର ଚନ୍ଦ୍ରକୁ ମଣିଷ ପଠାଇବାର ଲକ୍ଷ୍ୟ ରଖିଛି କମ୍ପାନୀର ଏହି ମିଶନ ମଙ୍ଗଳ ଅଭିଯାନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ବିବେଚନା କରାଯାଉଛି ।

# ଏଥର ମାତ୍ର ଦୁଇ ଘଟାଂ ଫୁଟିବ ବାଣ



ଭୁବନେଶ୍ୱର,୧୪/୧୦(ନି/ପ୍ର):ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି । ଏଥିଲାଗି ସବୁଠି ପ୍ରସ୍ତୁତି ଜୋରଦାର ଚାଲିଛି । ଚଳିତବର୍ଷ ଅକ୍ଟୋବର ୨୦ ତାରିଖରେ ସାରା ଦେଶ ପାଳନ କରିବ ଦୀପାବଳି । ଏହାପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବାର ସମୟକୁ ନେଇ ଗାଇଡଲାଇନ୍ ଆସିଛି । ଚଳିତ ବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ସମୟ ନିର୍ଦ୍ଧାରିତ ହୋଇଛି । କେବଳ ୭ରୁ ୯ଟା ଭିତରେ ସୀମିତ ରହିବ ବାଣଫୁଟା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଖାଲି ୨ ଘଟାଂର ସମୟ ନୁହେଁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ମଧ ବାରଣ କରାଯାଇଛି । ବାଣର ଶବ୍ଦ ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ । ବଗିଚା, ପାର୍କ , ହସ୍ପିଟାଲ୍ , ଶିକ୍ଷାନୁଷ୍ଠାନ , କୋର୍ଟ, ମନ୍ଦିର ପାଖରେ ବାଣ ଫୁଟାଇବାକୁ ବାରଣ କରାଯାଇଛି । ଖୋଲା ଜାଗାରେ ବାଣ ଫୁଟାଇପାରିବେ । କିନ୍ତୁ ତାହା କେବଳ ସବୁଜ ବାଣ ହିଁ ହୋଇଥିବ । ଝୁମ୍ପୁଡ଼ି ଘର , ଦୋକାନ, ଅଗ୍ନି-ପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବାକୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୦ ବର୍ଷରୁ କମ୍ ବୟସର ଶିଶୁମାନେ ଶବ୍ଦ-ସୃଷ୍ଟି କରୁଥିବା ବାଣ ଫୁଟାଇପାରିବେ ନାହିଁ । ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି । ଯେଉଁମାନେ ଏଥିରେ ଖିଲାପ କରିବେ, ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

# ଦୁର୍ଗାପୁର ଜଙ୍ଗଲରେ କ୍ରାଇମ୍ ସିନ୍ ରିକ୍ରିଏସନ୍

କଲାକାତା,୧୪/୧୦:ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଖୋଳତାଡ ଜାରି ରଖିଛି ଦୁର୍ଗାପୁର ପୁଲିସ । ଘଟଣାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପଚରାଉଚରା କରାଯିବା ପରେ ଆଜି ପୁଲିସ କ୍ରାଇମ ସିନ୍ ରିକ୍ରିଏସନ୍ କରୁଛି । ଜଣେ ଅଭିଯୁକ୍ତଙ୍କୁ ଧରି ଦୁର୍ଗାପୁର ପରାନଗଞ୍ଜ ଜଙ୍ଗଲରେ ପହଚିଂ କ୍ରାଇମ୍ ସିନ୍ ରିକ୍ରିଏସନ୍ କରୁଛି ପୁଲିସ ଟିମ୍ । ଏହି ସମୟରେ ଦୁର୍ଗାପୁର ଡିସିପି ଓ ତଦନ୍ତକାରୀ ଅଧିକାରୀ ମାନେ ଉପସ୍ଥିତ ରହିଛନ୍ତି । ଗଣଦୁଷ୍କର୍ମ ମାମଲାରେ ପୀଡିତାଙ୍କ ପରିବାର ସହ କଥା ହୋଇଛନ୍ତି ଦୁର୍ଗାପୁର ପୁଲିସ । ସମସ୍ତ ୫ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଥିବା କହିଛନ୍ତି ଦୁର୍ଗାପୁର ପୁଲିସ କମିଶନର । ଡିସିପି ପୀଡିତାଙ୍କ ବାପାଙ୍କ ସହ କଥା ହୋଇ ସୁରକ୍ଷା ପ୍ରତିଶ୍ରୁତି ଦେଇଛନ୍ତି । ପୀଡିତାଙ୍କ ପରିବାର ସହ ପୁଲିସ ରହିଛି, ସମସ୍ତ ସହଯୋଗ ଦିଆଯିବ

# ରାଜଧାନୀରେ ଗଡ଼ିଲା ୨ମୁଣ୍ଡ :

## ଖଣ୍ଡଗିରିରେ ଗୁଳି , ଚନ୍ଦ୍ରଶେଖରପୁରରେ ପଥର ଛେଚି ହତ୍ୟା



ଭୁବନେଶ୍ୱର,୧୪/୧୦(ନି/ପ୍ର): ଅଶାନ୍ତ ରାଜଧାନୀରେ ଦୁର୍ବୃତମାନେ ଦୁଇ ଦୁଇଟି ମୁଣ୍ଡ ଗଡ଼ାଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଚୁନୁକୋଲି ବସ୍ତିରେ ଦୁର୍ବୃତମାନେ ଜଣେ ଯୁବକଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଛନ୍ତି । ଆଜି ସକାଳୁ ସକାଳୁ ଖଣ୍ଡଗିରି ଥାନା ସରକନ୍ତରାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି । ରାଜଧାନୀ ଛାତି ଉପରେ ମାତ୍ର ୫/୬ଘଟାଂ ଭିତରେ ଘଟିଥିବା ଦୁଇ ଦୁଇଟି ଛାତିଥରା ହତ୍ୟାକାଣ୍ଡ ରାଜଧାନୀବାସୀଙ୍କ ଭିତରେ ଆଲୋଡ଼ନ ସୃଷ୍ଟି କରିଛି । ଗତ ସପ୍ତାହରେ ଇନ୍‌ଫୋଭ୍ୟାଲି ଥାନା ଅଚଂଳରେ ଏକ ଆଶ୍ରମରେ ଗୁଳିକାଣ୍ଡ ଘଟିଥିଲା । ପୁଲିସ ସେହି ମାମଲାରେ ଦୁର୍ବୃତମାନଙ୍କୁ ଗିରଫ କରିଥିଲେ ହେଁ ପୁଣି ଦୁଇ ଦୁଇଟି ହତ୍ୟାକାଣ୍ଡ ଯୋଗୁ ରାଜଧାନୀ ଅପରାଧୀଙ୍କ ଚରାଭୂଇଁ ପାଲଟିଛି ବୋଲି ଚର୍ଚ୍ଚା ଜୋର ଧରିଛି । ଆଜି ସକାଳ ପ୍ରାୟ ସାଢ଼େ ୮ଟା ବେଳେ ସରକନ୍ତରା ଗାଁ ଦାଣ୍ଡରେ ଗୁଳିମାଡ଼ ହେଲା । ସବୁଦିନ ଭଳି ଭୁବନେଶ୍ୱର ଏମ୍‌ସରେ ଲ୍ୟାବ୍ ଆସିଷ୍ଟାଂଟ ଭାବେ କାମ କରୁଥିବା ପଠାଣି ଖୁଟିଂଆଙ୍କ ପୁଅ ସୁଧାଂଶୁ ଡ୍ୟୁଟିକୁ ବାହାରିଥିଲେ । ସେ ଘରଠାରୁ ମାତ୍ର ୨୦୦ ମିଟର ଯାଇଛନ୍ତି, ସୁଧାଂଶୁଙ୍କୁ ତାଙ୍କ ଦାଦା ସୁକାନ୍ତ ଖୁଟିଂଆଙ୍କ ପୁଅ ଶିବା ଓ ତା'ର ୨ ସହଯୋଗୀ ଅଟକାଇଥିଲେ । ସୁଧାଂଶୁ କିଛି ବୁଝିବା ପୂର୍ବରୁ ଶିବା ବନ୍ଧୁକ ବାହାର କରି ଆଖିବୁଜା ଗୁଳିମାଡ଼ କଲା । ପ୍ରଥମ ଗୁଳି ସୁଧାଂଶୁଙ୍କ ହାତରେ ବାଜିଥିଲା । ସେ ବାଇକ ଛାଡ଼ି ଜୀବନ ବିକଳରେ ନିକଟରେ ଥିବା ଏକ ଘରର ବାଡ଼ି ଭିତରକୁ ଦୌଡ଼ିଥିଲେ । ଦୁର୍ବୃତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଗୁଳିକରି ଚାଲିଥିଲେ । ଦୁଇଟି ଗୁଳି ପିଠିରେ ବାଜି ପେଟ ପଟେ ବାହାରି ଯାଇଥିଲା । ଫଳରେ ସୁଧାଂଶୁ ଟଳି ପଡ଼ିଥିଲେ । ସୁଧାଂଶୁଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀମାନେ ଧାଇଁ ଆସିବା ବେଳକୁ ଶିବା ଓ ତା'ର ସହଯୋଗୀମାନେ ଏକ ସ୍କୁଟି ଯୋଗେ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ସୁଧାଂଶୁଙ୍କୁ ନେଇ ଏମ୍‌ସରେ ଭର୍ତ୍ତି କରିଥିଲେ, ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ଖଣ୍ଡଗିରି ଥାନା ପୁଲିସ, ସ୍ପେସାଲ୍ ସ୍କ୍ୱାଡ୍ ଓ ସାଇଟିଂଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଚିଂ ଛାନ୍‌ଭିନ୍ କରିଥିଲା । ଘଟଣାସ୍ଥଳରୁ ୩ଟି ଖୋକା ଓ ଗୋଟିଏ ଗୁଳି ମିଳିଛି । ସେହିଭଳି ପୁଲିସ ଶିବାର ଗତିବିଧି ଜାଣିବା ପାଇଁ ସ୍ଥାନୀୟ ଅଚଂଳର ସିସିଟିଭି ଫୁଟେଜ୍ ଯାଚଂ କରିଥିଲା ।

## କାନାଡ଼ାର ବିଦେଶ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ କଲେ ସାକ୍ଷାତ

ନୂଆଦିଲ୍ଲୀ,୧୪/୧୦: କାନାଡ଼ାର ବିଦେଶ ମନ୍ତ୍ରୀ ଅନିତା ଆନନ୍ଦ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ବିଦେଶ ମନ୍ତ୍ରୀ ଆନନ୍ଦଙ୍କ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି ଯେ ତାଙ୍କ ଯାତ୍ରା ଭାରତ-କାନାଡ଼ା ଦ୍ୱିପକ୍ଷୀୟ ସାଝେଦାରୀର ନୂଆ ଗତି ପ୍ରଦାନ କରିବା ପାଇଁ ଚାଲୁଥିବା ପ୍ରୟାସରେ ଯୋଗଦାନ ଦେବ । ପ୍ରଧାନମନ୍ତ୍ରୀ ଏହି ବର୍ଷ ଜୁନ୍‌ରେ ଜି-୭ ଶିଖର ସମ୍ମେଳନ ପାଇଁ କନାଡ଼ାର ନିଜ ଯାତ୍ରାକୁ ମନେପକାଇବେ, ଯେଉଁ ସମୟରେ ସେ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହିତ ଅତ୍ୟନ୍ତ ଉପଯୋଗୀ ବୈଠକ କରିଥିଲେ ।

# ବିହାର ବିଧାନସଭା ନିର୍ବାଚନ : ୨୪୩ ଆସନରେ ଲଢ଼ିବାକୁ କଂଗ୍ରେସର ରଣନୀତି



## ଦିଲ୍ଲୀରେ ରହିବାକୁ ସମସ୍ତ ବଡ଼ ନେତାଙ୍କୁ ପରାମର୍ଶ

ନୂଆଦିଲ୍ଲୀ,୧୪/୧୦: ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ ବୁଝାମଣାକୁ ନେଇ ମହାମେଟଂରେ ଫାଟ ସୃଷ୍ଟି ହୋଇଛି । ଯାହାଫଳରେ କଂଗ୍ରେସ ରାଜ୍ୟର ସମସ୍ତ ୨୪୩ଟି ଆସନରେ ନିର୍ବାଚନ ଲଢ଼ିବାକୁ ରଣନୀତି ପ୍ରସ୍ତୁତ କରୁଛି । ଏହି କାରଣରୁ ଦଳର କେନ୍ଦ୍ରୀୟ ନେତୃବୃନ୍ଦ ରାଜ୍ୟ ଶାଖାଠାରୁ ୨୪୩ଟି ଆସନରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ମାଗିଛି । ରାଜଧାନୀ ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖଡ୍‌ଗେଙ୍କ ବାସଭବନରେ ସୋମବାର ରାତିରେ ସିଇସିର ଏକ ଜରୁରି ବୈଠକ ହୋଇଥିଲା । ବୈଠକରେ ସକିଲ ଅହମ୍ମଦ, ରାଜେଶ ରାମ, କୃଷ୍ଣା ଆଲାଭରୁ, ନାସିର ହୁସେନ ଓ କେ.ସି ବେଣୁଗୋପାଳ ପ୍ରମୁଖ ସାମିଲ ହୋଇଥିଲେ । କଂଗ୍ରେସ ତାର ସମସ୍ତ ବଡ଼ ନେତାମାନଙ୍କୁ ଦିଲ୍ଲୀରେ ରହିବାକୁ ପରାମର୍ଶ ଦେଇଛି । ତେବେ ବୈଠକରେ କ'ଣ ନିଷ୍ପତ୍ତି ନିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ । କୁହାଯାଉଛି କି ବିହାର ପାଇଁ ପ୍ରଥମ ପର୍ଯ୍ୟାୟରେ କଂଗ୍ରେସ ୭୬ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ କରିଛି । ଏହି ତାଲିକାରେ ମୋହର ଲାଗିବା ପରେ ସେମାନଙ୍କୁ ସର୍ନ୍ନ ନାମାଙ୍କନ ଦାଖଲ କରିବାକୁ ଅନୁମତି ଦିଆଯିବ । ଅର୍ଥାତ ଯଦି ବୁଝାମଣା ହୁଏ ତେବେ ଯେଉଁସବୁ ଆସନ କଂଗ୍ରେସ ହାତକୁ ନଯିବ ସେଠାରୁ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିବେ । ସେପଟେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ, ପତ୍ନୀ ରାବ୍ରୀ ଦେବୀ ଓ ପୁଅ ତେଜସ୍ୱୀ ଯାଦବ ଦିଲ୍ଲୀ ଯାଇଥିଲେ । ଆଇଆରସିଟିସି ମାମଲାରେ ସେମାନେ କୋର୍ଟରେ ହାଜର ହେବାକୁ ଥିଲା । ଚର୍ଚ୍ଚା ହେଉଥିଲା କି ଦିଲ୍ଲୀରେ ସେମାନେ କଂଗ୍ରେସ ଅଧ୍ୟକ୍ଷ ଖଡ୍‌ଗେ ଓ ସାଂସଦ ରାହୁଲ ଗାନ୍ଧୀଙ୍କୁ ଭେଟି ଆସନ ବୁଝାମଣା ଚୂଡାନ୍ତ କରିବେ । କିନ୍ତୁ ସେମାନେ କଂଗ୍ରେସ ନେତାଙ୍କୁ ଭେଟିନାହାନ୍ତି । କୋର୍ଟରେ ହାଜର ହେବା ପରେ ସିଧାସଳଖ ପାଟନା ଫେରି ଆସିଛନ୍ତି । ପାଟନାସ୍ଥିତ ବାସଭବନରେ ପହଚିଂବା ପରେ ଲାଲୁ ଦଳୀୟ ପ୍ରାର୍ଥୀଙ୍କୁ ନିର୍ବାଚନ ଚିହ୍ନ ବାଟିଂବା ଆରମ୍ଭ କରିଦେଇଛନ୍ତି । ବେଗୁସରାଇ ଜିଲ୍ଲାର ମଟିହାନି ଆସନରେ ବାଗୋ ସିଂହଙ୍କୁ ଆରଜେଡି ଚିହ୍ନ ମିଳିଛି । ଭୋଜପୁରର ସନ୍ଦେଶ ଆସନରେ ଅରୁଣ ଯାଦବଙ୍କ ପୁଅ ଦୀପୁ ଯାଦବଙ୍କୁ ଚିହ୍ନ ଆବଟଂନ କରାଯାଇଛି । ସେହିଭଳି ପରବତା ଆସନରୁ ସଞ୍ଜୀବ ସିଂହଙ୍କୁ ଦଳୀୟ ଚିହ୍ନ ଦିଆଯାଇଛି । ସେ ନିକଟରେ ଜେଡିୟୁ ଛାଡି ଆରଜେଡିରେ ସାମିଲ ହୋଇଥିଲେ । ବିଭିନ୍ନ ଆସନରେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ କରିବାକୁ ପ୍ରସ୍ତୁତ ରହିବା ଲାଗି କୁହାଯାଇଛି । କାରଣ ୧୭ ତାରିଖ ହେଉଛି ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ । ଅନ୍ୟପକ୍ଷରେ କଂଗ୍ରେସ ଭିଆଇପି ମୁଖ୍ୟ ମୁକେଶ ସାହାନୀଙ୍କୁ ଦିଲ୍ଲୀ ଡାକିଛି । ତାଙ୍କ ସହ ଆସନ ବୁଝାମଣା କରିବାକୁ ଡକାଯାଇଛି ଏବଂ ସେ ଦିଲ୍ଲୀରେ ମଧ ପହଚିଂଛନ୍ତି । କିନ୍ତୁ ଆରଜେଡି ଇତିମଧ୍ୟରେ ଭିଆଇପିକୁ ୧୮ ଆସନ ଦେବାକୁ ଘୋଷଣା କରିଛି । ତେବେ ଏଥିରେ ଆରଜେଡି ସର୍ତ୍ତ ରଖିଛି । ସର୍ନ୍ନ ଅନୁସାରେ ଭିଆଇପି ୮ ଆସନରେ ନିଜସ୍ୱ ପ୍ରାର୍ଥୀ ଦେବ ଏବଂ ବାକି ୧୦ ଆସନରେ ଆରଜେଡି ନେତାମାନେ ଭିଆଇପି ଟିକଟରେ ଲଢ଼ିବେ । ତେବେ ଏଭଳି ସର୍ତ୍ତରେ ଭିଆଇପି ରାଜି ହୋଇଛି କି ନାହିଁ ତାହା ଜଣାପଡିନାହିଁ ।

# ନକ୍ସଲ ସଂଗଠନକୁ ବଡ଼ ଝଟ୍‌କା

## ଆତ୍ମସମର୍ପଣ କଲେ ୬୦ ମାଓବାଦୀ



ମାଲକାନଗିରି,୧୪/୧୦(ନି/ପ୍ର): ନକ୍ସଲ ସଂଗଠନକୁ ବଡ଼ ଝଟକା । ଜଣେ କି ୨ଜଣ ନୁହନ୍ତି, ଏହା ସାଙ୍ଗରେ ୬୦ଜଣ ମାଓବାଦୀ କଲେ ଆତ୍ମସମର୍ପଣ । ଆରମ୍ଭ ହେଲା ମାଓବାଦୀଙ୍କ ଅସ୍ତ୍ର ତ୍ୟାଗ ପ୍ରକ୍ରିୟା । ସିସି ମେମ୍ବର ମଲ୍ଲାଜୁଲା ବେଣୁଗୋପାଳଙ୍କ ସମେତ ୬୦ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାଯାଇଛି । ବେଣୁଗୋପାଳ ଓରଫ ସୋନୁ ଦାଦା ଓରଫ ଭୂପତି ଓରଫ ଅଭୟ । ଏଭଳି ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲା ବେଣୁଗୋପାଳ । ତାଙ୍କ ନାମରେ ୧କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ମିଳିଥିବା ସୂଚନା ମୁତାବକ, ୬୦ଜଣ ମାଓବାଦୀ ଗଡ଼ଚିରୌଲି ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି । ୫୦ଟି ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିଥିବା ଜଣାଯାଇଛି । ଆତ୍ମସମର୍ପଣ ପୂର୍ବରୁ ସୋନୁ ଦାଦା ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିବୁ ବୋଲି ପ୍ରେସ ବିଜ୍ଞପ୍ତି ଜାରି କରିଥିଲେ । ଏହି ବିଜ୍ଞପ୍ତି ପରେ ମାଓବାଦୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା । ବେଣୁଗୋପାଳ କେନ୍ଦ୍ରୀୟ କମିଟି ପ୍ରବକ୍ତା ଭାବେ ଦାୟିତ୍ୱ ତୁଲାଉ ଥିଲେ

# ଶ୍ରୀମନ୍ଦିରରେ ହେବ ଓ୍ୱାକିଟକି ବ୍ୟବସ୍ଥା

ପୁରୀ,୧୪/୧୦(ନି/ପ୍ର): ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ବାରଣ ହେବ ମୋବାଇଲ ଫୋନ୍ । କୌଣସି ପୁଲିସ୍ କର୍ମଚାରୀ କିମ୍ବା ସେବାୟତ ମନ୍ଦିର ଭିତରକୁ ମୋବାଇଲ୍ ନେଇପାରିବେ ନାହିଁ । ଆଗକୁ ଓ୍ୱାକିଟକି ବ୍ୟବସ୍ଥା ହେବ ବୋଲି କହିଛନ୍ତି ସୁରକ୍ଷା ସବ୍ କମିଟି ମୁଖ୍ୟ । ଆଜି ସୁରକ୍ଷା ସବ୍ କମିଟି ମୁଖ୍ୟ ଡଃ ଗିରିଶ୍ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତ ନିବାସ ସଭାଗୃହରେ ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ସୁରକ୍ଷା ସବ୍ କମିଟି ମୁଖ୍ୟ ଗିରିଶ ଚନ୍ଦ୍ର ମୁର୍ମୁ ଏହି ସୂଚନା ଦେଇଛନ୍ତି । ଆହୁରି ମଧ ସେ କହିଛନ୍ତି ଯେ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ନେଇ ଆଲୋଚନା ହୋଇଛି । କେତେକ ଜିନିଷ ନିଜକୁ କରିବାକୁ ହେବ ଏବଂ ଆଉ କିଛି ସରକାର କରିବେ । କାହାକୁ ହଇରାଣ କରିବାକୁ ନୁହେଁ , ଶ୍ରୀମନ୍ଦିର ସୁରକ୍ଷା ପାଇଁ ହେବ । ଅନ୍ୟ ମନ୍ଦିରର ସୁରକ୍ଷା ଅନୁଧ୍ୟାନ କରି ନିଷ୍ପତି ନେବୁ ।



# ନୂଆପଡ଼ା ଉପନିର୍ବାଚନ :

## ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ୧୬ରେ ନାମାଙ୍କନ ଭରିବେ ବିଜେପି ପ୍ରାର୍ଥୀ




ଭୁବନେଶ୍ୱର,୧୪/୧୦(ନି/ପ୍ର):ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଚୂଡ଼ାନ୍ତ ହୋଇସାରିଛି ଏବଂ ଖାଲି ଘୋଷଣା ବାକି ରହିଛି । ୧୬ ତାରିଖରେ ନାମାଙ୍କନ ଭରିବେ ବିଜେପି ପ୍ରାର୍ଥୀ । ଆଗାମୀ ୧୬ ତାରିଖରେ ନୂଆପଡ଼ା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାର୍ଥୀପତ୍ର ଦାଖଲସମୟରେ ଉପସ୍ଥିତ ରହିବେ । ଆଜି ଏଭଳି ସୂଚନା ଦେଇଛନ୍ତି ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର । ସେ ଆହୁରି ଜୋର୍ ଦେଇ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୫୦ ହଜାରରୁ ଅଧିକ ଭୋଟରେ ବିଜୟୀ ହେବେ । ବିଜେଡି ଏଯାଏ ପ୍ରାର୍ଥୀ ସ୍ଥିର କରିପାରିନାହିଁ । ତେଣେ କଂଗ୍ରେସକୁ ଲୋକେ ପସନ୍ଦ କରୁନାହାନ୍ତି । ଏଣୁ ବିଜେପି ଏଠାରେ ଜିତିବା ସୁନିଶ୍ଚିତ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ସୁଜିତ କୁମାର । ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୫୦ ହଜାରରୁ ଅଧିକ ଭୋଟରେ ବିଜୟୀ ହେବେ । ବିଜେଡି ଏଯାଏ ପ୍ରାର୍ଥୀ ସ୍ଥିର କରିପାରିନାହିଁ । ତେଣେ କଂଗ୍ରେସକୁ ଲୋକେ ପସନ୍ଦ କରୁନାହାନ୍ତି । ଏଣୁ ବିଜେପି ଏଠାରେ ଜିତିବା ସୁନିଶ୍ଚିତ ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ସୁଜିତ କୁମାର । ନାମାଙ୍କନ ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମନ୍ତ୍ରୀ ସାଂସଦ ଓ ବିଧାୟକ ବିଶାଳ ରାଲିରେ ଆସିବେ । ସେହି ଦିନ ଆୟୋଜିତ ହେବାକୁ ଥିବା ଏକ ବିଶାଳ ସମାବେଶରେ ୨୦୦୦ ରୁ ଅଧିକ କର୍ମୀ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ସେହି ଦିନ ବିଧିବଦ୍ଧଭାବେ ବିଜେପିରେ ମିଶିବେ ବୋଲି ସୂଚନା ଦେଇଛନ୍ତି ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର । ନାମାଙ୍କନ ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମନ୍ତ୍ରୀ ସାଂସଦ ଓ ବିଧାୟକ ବିଶାଳ ରାଲିରେ ଆସିବେ । ସେହି ଦିନ ଆୟୋଜିତ ହେବାକୁ ଥିବା ଏକ ବିଶାଳ ସମାବେଶରେ ୨୦୦୦ ରୁ ଅଧିକ କର୍ମୀ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ସେହି ଦିନ ବିଧିବଦ୍ଧଭାବେ ବିଜେପିରେ ମିଶିବେ ବୋଲି ସୂଚନା ଦେଇଛନ୍ତି ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ବିଶ୍ୱ କନ୍ୟା ଦିବସ ଉପଲକ୍ଷେ 'ଜାଗୃତି' ଉତ୍ସବ ପାଳିତ



କେନ୍ଦୁଝର,୧୪/୧୦(ନି/ପ୍ର): ବିଶ୍ୱ କନ୍ୟା ଦିବସ ଉପଲକ୍ଷେ ହିନ୍ଦୁ ଜାଗୃତି ମଞ୍ଚ ଆନୁକୂଲ୍ୟରେ କେନ୍ଦୁଝର ନଗର ଭବନ ଠାରେ ମାତୃଶକ୍ତି ଜାଗରଣ ଉଦ୍ଦେଶ୍ୟରେ ଜାଗୃତି ଉତ୍ସବ ପାଳନ ହୋଇ ଯାଇଛି ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତ ମାତାଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଅତିଥି ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍ଘାଟନ ହୋଇଥିଲା । ପର୍ଯ୍ୟାୟକ୍ରମେ ଭଉଣୀ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ପରେ ଶତାଧିକ କନ୍ୟା ମାନଙ୍କୁ ସାମୁହିକ ବନ୍ଦନା କରାଯାଇ ଥିଲା । ଭଉଣୀ ସଦ୍ୟସ୍ନାତା ପଣ୍ଡାଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିବା ବେଳେ ଅଙ୍କିତା ସାହୁ ଅତିଥି ପରିଚୟ କରିଥିଲେ ।ଗାୟତ୍ରୀ କଳା ଏବଂ ସଙ୍ଗୀତ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।ମୁଖ୍ୟ ଅତିଥି କେନ୍ଦୁଝର ପୌରପାଳିକା ଅଧକ୍ଷା ଶ୍ରୀମତୀ ନିକୁ ସାହୁ ହିନ୍ଦୁ ଜାଗୃତି ମଞ୍ଚର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏକ ସ୍ୱାଭିମାନ ଶଶକ୍ତ ସମାଜ ଗଠନରେ ନାରୀର ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ସମାଜସେବୀ ଶ୍ରୀମତୀ ଲବଙ୍ଗ ଲତା ନାୟକ ତାଙ୍କର ବକ୍ତବ୍ୟରେ କିପରି ମହାରାଣୀ ଦୁର୍ଗବତୀ ଆଦିବାସୀ ସମାଜର ନେତୃତ୍ୱ ନେଇ ରାଷ୍ଟ୍ରର ସୁରକ୍ଷା ପାଇଁ ଲଢେଇ କରିଥିଲେ। ବର୍ତ୍ତମାନ ସମାଜରେ ନାରୀ ଯଦି ସୁସ୍ଥ ଓ ଜାଗ୍ରତ ରହେ ତାହେଲେ ଉଭୟ ସମାଜ ଓ ରାଷ୍ଟ୍ରର କଲ୍ୟାଣ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ଶ୍ରୀମତୀ ନାୟକ । ଏହି ଉତ୍ସବରେ ମୁଖ୍ୟ ବକ୍ତା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ହରପ୍ରିୟା ନାୟକ ଉପସ୍ଥିତ ହୋଇ ନାରୀ ସମାଜକୁ ଶିକ୍ଷିତ,ସ୍ୱାବଲମ୍ବୀ ,ସୁସ୍ଥ ତଥା ଜାଗ୍ରତ ହେବା ପାଇଁ ଆହ୍ୱାନ କରିଥିଲେ ଓ ଆଜିର ସମାଜରେ ଯଦି ନାରୀ ନିଜେ ଜାଗ୍ରତ ରହିପରନ୍ତା ତେବେ ଏଭଳି ଉତ୍ସବର ଆବଶ୍ୟକ ରହନ୍ତା ନାହିଁ। ତେଣୁ ହିନ୍ଦୁ ଜାଗୃତି ମଞ୍ଚ ଦ୍ୱାରା ଆୟୋଜିତ ଜାଗୃତି ଉତ୍ସବ ସମସ୍ତଙ୍କୁ ପ୍ରେରଣା ଦେବ ବୋଲି ପରିପ୍ରକାଶ କରିଥିଲେ । ଅନ୍ୟତମ ବକ୍ତା ସମାଜସେବୀ ଶ୍ରୀମତୀ ସନ୍ଧ୍ୟାରାଣୀ ସାହୁ ତାଙ୍କର ମାର୍ଗଦର୍ଶନ ରେ ଆଜିର ନାରୀ ମାନଙ୍କୁ ସେହି ବୈଦିକ ଯୁଗର ଦେବୀ ମାନଙ୍କ ଠାରୁ ସମାଜ ଓ ରାଷ୍ଟ୍ରପ୍ରତି ତ୍ୟାଗ ତପସ୍ୟା ବୀରତ୍ୱର ଶିକ୍ଷା ଗ୍ରହଣ କରିବା ଉଚିତ୍ ବୋଲି ବିଚାର ରଖିଥିଲେ । ଏହି ଉତ୍ସବରେ ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ସୁନାମ ଆଣିଥିବା ତଥା ଓଡିଶା ପୋଲିସ ରେ କାର୍ଯ୍ୟରତ ଶୁକମତି ଲାଗୁରି ବିପାଶା ଲିୟାଙ୍ଗିଙ୍କୁ କ୍ରୀଡା ପାଇଁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶୀତଳ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଜାଗୃତି ମଞ୍ଚର ସହସଂଯୋଜକ ନିରଞ୍ଜନ ପଲେଇ ଙ୍କ ମାର୍ଗଦର୍ଶନ ରେ ଏହି ଉତ୍ସବକୁ ସ୍ୱର୍ଣ୍ଣପ୍ରଭା ମହାନ୍ତ ,କଳ୍ପନା ସାହୁ,ସୁଲୋଚନା ରାଉତ,ସସ୍ମିତା ସାହୁ, ପ୍ରଜ୍ଞାପାରମିତା ସାହୁ,ମିନତି ପ୍ରଧାନ, ଆଦ୍ୟଶ୍ରି ଦାସ,ଅନିତା ନାଏକ,ରାକ୍ଷୀ ରାମ,ଜ୍ୟୋତି ରାମ,ଶ୍ରେୟାଶ୍ରୀ ଦାସ,ବୈଷ୍ଣବୀ ଆଚାର୍ଯ୍ୟ ତଥା ଅନ୍ୟ ଭଉଣୀ ମାନେ ସହଯୋଗ କରିଥିଲେ।

# ଓଡ଼ିଶା କ୍ୟାନସର ହେଲ୍ପ ଲାଇନ ଉଇଙ୍ଗସ କୁଶଳେଶ୍ୱର ମନ୍ଦିରରେ ବୈଠକ

ଘଟଗାଁ, ୧୪/୧୦(ନି/ପ୍ର): ଘଷିପୁରା ବ୍ଲକର ଦେଓଗାଁ ଠାରେ ଓଡ଼ିଶା କ୍ୟାନସର ହେଲ୍ପଲାଇନ ଉଇଙ୍ଗସ ପକ୍ଷରୁ ସ୍ଥାନୀୟ କୁଶଳେଶ୍ୱର ମହାଦେବଙ୍କ ମନ୍ଦିର ପରିସର ମଧ୍ୟରେ ଉଇଙ୍ଗସର ସଭାପତି ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ବିଭିନ୍ନ ଅଂଚଳରେଥିବା କ୍ୟାନସର ପୀଡ଼ିତ ରୋଗୀମାନଙ୍କୁ ଚିହ୍ନଟ କରିବା ସହିତ କ୍ୟାନସର ରୋଗ ର ନିରାକରଣ ବିଷୟରେ ଉକ୍ତ ବୈଠକରେ ଆଲୋଚନା କରାଯାଇ ଥିଲା। ଏହାସହିତ କ୍ୟାନସର ରୋଗ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ମହାବିଦ୍ୟାଳୟରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କ୍ୟାନସର ସଚେତନତା କାର୍ଯ୍ୟକ୍ରମ କରିବା ନିମନ୍ତେ ପ୍ରୟାସ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଅଛି । ଏହାସହିତ ଏହି କାର୍ଯ୍ୟକ୍ରମ କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ମଧ ଏହି ବୈଠକରେ ନିଷ୍ପତି ଗ୍ରହଣ କରଯାଇଅଛି । ଏହି ବୈଠକରେ ସଭାପତି ଶଙ୍କର୍ଷଣ ଜେନାଙ୍କ ସହିତ ସମ୍ପାଦିକା ରଶ୍ମୀ ରେଖା ପାତ୍ରଙ୍କ ସମେତ ଅମର କୁମାର ପାତ୍ର ପ୍ରଦୀପ କୁମାର ପଣ୍ଡା, କମଳଲୋଚନ ବିଶ୍ୱାଳ,ଶ୍ରୀରାମ ଚଂନ୍ଦ୍ର ସାହୁ, ମୈସୁମୀ ମହାନ୍ତି, ଅରବିନ୍ଦ ସାହୁ ଚିତ୍ରସେନ ମହାନ୍ତି, ସତ୍ୟଜିତ ସାହୁ ନୃସିଂହ ଜେନା ବନମାଳୀ ସାହୁ ସୁମିତ୍ରା ତ୍ରିପାଠୀ ମମତା ପାଢୀ, ମାଳତୀ ପଣ୍ଡା, ଜଗବନ୍ଧୁ ପଣ୍ଡା, ମନୋରଞ୍ଜନ ପତି, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗୁଲୁଦିପଶି ସ୍କୁଲ ପାଚେରୀ ଓ ଶୌଚାଳୟ ଘର ଭାଙ୍ଗିଦେଲେ ୪ ଟିକିଆ ଦନ୍ତାହାତୀ

କେନ୍ଦୁଝର,୧୪/୧୦(ନି/ପ୍ର): ପାଟଣା ବନାଂଚଳରେ ଏକ ସପ୍ତାହ ହେବ ୪ ଟି ଦନ୍ତାହତୀ ଉତ୍ପାତ ଜାରୀ ରଖୁଛନ୍ତି । ଗତକାଲି ରାତିରେ ଡିଆନାଳୀ ଆଡରୁ ଆସି ସିଧା ଗୁଲୁଦିପଶି ପ୍ରାଥମିକ ବିଦ୍ୟାଳୟ ପରିସରରେ ପଶି ବିଦ୍ୟାଳୟ ପାଚେରୀ ଭାଙ୍ଗି ଦେଇଛନ୍ତି । ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ରହିଥିବାରୁ ପାଚେରୀ ଭାଙ୍ଗି ପଶି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ତେବେ ଛାତ ଘର ଭିତରେ ମଧ୍ୟାହ୍ନ ଭୋଜନ ଚାଉଳ ଥିବାରୁ ତାହା ଖାଇ ନଥିବା ଜଣାପଡ଼ିଛି । ଆଜି ସକାଳୁ ସକାଳୁ ଏହି ୪ ଟିକିଆ ଦନ୍ତାହାତୀ ଜମୁନାପଶି ଜଙ୍ଗଲକୁ ଚାଲି ଯାଇଛନ୍ତି । ତେବେ ସ୍କୁଲ ପାଚେରୀ, ଶୌଚାଳୟ ଘର ଭାଙ୍ଗିବା ସହିତ ଲୋକମାନଙ୍କ ଧାନ ଖାଇ ନଷ୍ଟ କରିଛନ୍ତି । ଲୋକଙ୍କ ମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହୋଇଛି ।

# ଖାଳିଆମେଣ୍ଟ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଘାଟଗାଁ,୧୪/୧୦(ନି/ପ୍ର):କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଖାଳିଆମେଂଟ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଧନେଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ସିଆରସିସି ଜଗନ୍ନାଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସରପଂଚ ବୃନ୍ଦାବନ ଜେନା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ତର୍କ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ସଙ୍ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତା ହୋଇଥିଲା । ଏହି ସମସ୍ତ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରେ ଅଂଶଗ୍ରହଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ତପନ ଦାଶ,ଦିପ୍ତିରଞ୍ଜନ ଜେନା, ମଣ୍ଡଳ ପଣ୍ଡା,



ଲକ୍ଷ୍ମଣ ସୋରେନ, ଦେବାନନ୍ଦ ଜେନା, ପ୍ରଦିପ ପାତ୍ର ସହଯୋଗ କରିଥିଲେ ।

# ଆଲୋଚନାଚକ୍ର 'ଅସନ୍ତୁଳିତ ଜଳବାୟୁ: ଅସୁରକ୍ଷିତ ବନ୍ୟପ୍ରାଣୀ'



ରାଇରଙ୍ଗପୁର,୧୪/୧୦(ନି/ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁରସ୍ଥ ପିସିଏମ କଲ୍ୟାଣ ମଣ୍ଡପରେ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମା ପକ୍ଷରୁ 'ଅସନ୍ତୁଳିତ ଜଳବାୟୁ: ଅସୁରକ୍ଷିତ ବନ୍ୟପ୍ରାଣୀ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥିଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବନାଂଚଳ ଅଧିକାରୀ ରମାକାନ୍ତ ମାଝୀ ଯୋଗଦେଇ ବିଷୟବସ୍ତୁ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରଞ୍ଜନ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଉଭୟ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ରେଞ୍ଜର ରମାକାନ୍ତ ମାଝୀ, ବରିଷ୍ଠ ଶିକ୍ଷାବିତ ଦିଲ୍ଲୀପ ମାହାନ୍ତି, ତିମିର ରଞ୍ଜନ ପଣ୍ଡା, ଅଧ୍ୟାପକ ପ୍ରତାପ ବରାଳ, ଅଧ୍ୟାପକ ମାନସ ପରିଡ଼ା, ଶିକ୍ଷାବିତ ସୁଶାନ୍ତ ପରୀକ୍ଷା ଯୋଗଦେଇଥିଲେ । ଓଡ଼ିଆ ମାଧ୍ୟମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମୋସୁମୀ ବେହେରା ପ୍ରଥମ ଓ ଅନୁରାଧା ବେହେରା ଦ୍ୱିତୀୟ,ସରସ୍ୱତୀ ଶିଶୁ ମନ୍ଦିରର ଅଂଶୁମାନ ଗିରି ତୃତୀୟ ଏବଂ ଇଂରାଜୀ ମାଧ୍ୟମରେ କେରଳା ପବ୍ଲିକ ସ୍କୁଲର ଆଞ୍ଜେଲ ଅଗ୍ରୱାଲ ପ୍ରଥମ ଓ ରୀତିଶ୍ରୀ ଆର ଦ୍ୱିତୀୟ, ଲିଟିଲ ଫ୍ଲାୱାର ସ୍କୁଲର ଶିକ୍ଷା କୈବର୍ତ୍ତ ତୃତୀୟ ସ୍ଥାନଙ୍କୁଅତିଥିମାନେମେମେଂଟ, ପ୍ରୀତିଉପହାର ଓ ପ୍ରଶଂଶାପତ୍ରପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ରଞ୍ଜନ ନନ୍ଦଙ୍କପରିଚାଳନାରେଆକର୍ଷଣୀୟ କୁଇଜ ପ୍ରତିଯୋଗିତାର ତିରିଶ ଜଣ ସଠିକ ଉତରଦାତାଙ୍କୁପୁରସ୍କାର ଓ ଗୋଟିଏଚାରା ଗଛ ପ୍ରଦାନ କରାଯାଇଥିଲା. ସମସ୍ତ ଅତିଥି, ବିଚାରକ ଓ ଶୁଭେଚ୍ଛୁଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରୀତିଉପହାର ଓ ମେମେଂଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ତିମିର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଦିଲ୍ଲୀପ ମହାନ୍ତି, ବିଜୟ ରାମ, ଦୁଷ୍ମନ୍ତ ଦାସ,ଅଧ୍ୟାପକ ଲଳିତ ମହାନ୍ତ, ଅଧ୍ୟାପକ ହିମାଂଶୁ ପଟ୍ଟନାୟକ, ଅଧ୍ୟାପକ ପ୍ରଶାନ୍ତ ପରୀକ୍ଷା,ମେଘନାଦ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ।

# ପଶ୍ଚିମବଙ୍ଗରେ ଅଧ୍ୟୟନ କରୁଥିବା ଓଡିଆ ଡାକ୍ତରୀ ଛାତ୍ରୀଙ୍କ ବଳତ୍କାରୀଙ୍କୁ ଗିରଫ ଦାବି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜିଲ୍ଲା କମିଟି ବୈଠକ

ଭଦ୍ରକ,୧୪/୧୦(ନି/ପ୍ର): ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ଅଚଂଳର ଶଭାପୁର ନିକଟରେ ଅବସ୍ଥାପିତ ଏକ ଘରୋଇ ଭେଷଜ ମହାବିଦ୍ୟାଳୟରେ ପାଠ ପଢୁଥିବା ଏମବିବିଏସ ଦ୍ୱିତୀୟ ବର୍ଷର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଂଚଳର ଓଡିଆ ଛାତ୍ରୀଙ୍କ ଧର୍ଷଣକାରୀଙ୍କୁ ଅବିଳମ୍ବେ ଗିରଫ ସମେତ ଏହି ଘଟଣାର ନ୍ୟାୟିକ ତଦନ୍ତ କରିବା, ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଙ୍କ ଆନୁଷ୍ଠାନିକ ହତ୍ୟା ଘଟଣା ଓ ବଳଙ୍ଗା ଛାତ୍ରୀ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା, ସହସ୍ର ବର୍ଷର ଭାଇଚାରାର ସହର କଟକରେ ସାଂପ୍ରଦାୟିକ ବିଶୃଙ୍ଖଳା, ଦୋକାନ ଭଙ୍ଗାରୁଜା, ପୋଲିସ ଉପରକୁ ପଥର ଫିଙ୍ଗିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା, ଓଡିଶାରେ ମହିଳା ମାନଙ୍କ ସୁରକ୍ଷାକୁ ଗ୍ୟାରେଂଟି କରିବା, ମହିଳା ମାନଙ୍କ ଜୀବନ ଜୀବିକା ର ସୁରକ୍ଷା, ଓଡିଶା ଜୀବିକା ମିଶନ ସମେତ ସମସ୍ତ ସ୍କିମରେ କାମ କରୁଥିବା ମହିଳା ମାନଙ୍କୁ ସ୍ଥାୟୀ ଶ୍ରମିକ ର ମାନ୍ୟତା ଦେବା, ଚଢା ସୁଧହାରରେ ଋଣ ଯୋଗାଉଥିବା ବିଭିନ୍ନ ଘରୋଇ ଫାଇନାନ୍ସ ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ କରିବା, ଆମ ଦେଶର ସମ୍ବିଧାନ, ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ଓ ସ୍ୱାଧୀନ ବିଚାର ବ୍ୟବସ୍ଥାର ସୁରକ୍ଷା ଆଦି ଦାବି ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କମିଟି ବୈଠକ ଭଦ୍ରକ ନେତାଜୀ ନଗର ସ୍ଥିତ ଜାନକୀ ନିଳୟ ଠାରେ ସଂଗଠନ ର ଜିଲ୍ଲା ଉପସଭାନେତ୍ରୀ ସୁମତି ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଂପାଦିକା ସୁରଜିତା ନାୟକ ଯୋଗଦେଇ ପଶ୍ଚିମବଙ୍ଗ ରାଜ୍ୟର ଓଡ଼ିଆ ଡାକ୍ତର ଛାତ୍ରୀ ଙ୍କୁ ନ୍ୟାୟ ନମିଳିଲେ ଓଡିଶା ତମାମ ବୃହତର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେବା ସଂଗେ ସଂଗେ ପଶ୍ଚିମବଙ୍ଗ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ସ୍ୱର ଉତୋଳନ କରିଥିଲେ । ଓଡଶାରେ ଗତ ବର୍ଷ କ ଭିତରେ ୯୩ ଜଣ ମହିଳା ଧର୍ଷଣ ରେ ଶିକାର ହେବା ଏବଂ ୩୫୦୦ ରୁ ଉର୍ଦ୍ଧ ନାରୀନିର୍ଯାତନା ବିରୋଧୀ ମକଦ୍ଦମା ବିଭିନ୍ନ ଥାନାରେ ରୁଜୁ ହେବା ଘଟଣା ଓଡିଶାରେ ନାରୀ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିବା ସହ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ବୈଠକରେ ଜିଲ୍ଲା ସଂପାଦିକା ପ୍ରଭାତି ଯେନା ସଂଗଠନର କାର୍ଯ୍ୟ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ଜିଲ୍ଲା କମିଟି ସଭ୍ୟା ସୀତା ଦାସ, ରୋଜାଲିନି ସାମ୍ୟବାଦୀ, ମଧୁସ୍ମିତା ପାକଳ, ପ୍ରତିମା ସ୍ୱାଇଁ, ଶାନ୍ତିଲତା ନାୟକ, ସବିତା ବିଶ୍ୱାଳ, ସଞ୍ଜିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।



ଭାରତ ବିକାଶ ପରିଷଦ ବଡ଼ବିଲ ଶାଖା ପକ୍ଷରୁ ସୀତାରାମ ରୁଙ୍ଗଟା ମୁନସିପାଲିଟି ଟାଉନ ହଲରେ ରାଷ୍ଟ୍ରୀୟ ସମୂହ ଗାନ ଓ 'ଭାରତ କୋ ଜାନୋ' କୁଇଜ ପ୍ରତିଯୋଗିତା ଅନୁଷ୍ଠିତ

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୧ ମୃତ, ୨ ଗୁରୁତର



ଅନୁଗୋ,୧୪/୧୦(ନି/ପ୍ର): ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ, ଗୋପାଳପ୍ରସାଦ ଥାନା ଅନ୍ତର୍ଗତ କନ୍ଧବେରେଣି ଗ୍ରାମର ଶୁକୁରୁ ପ୍ରଧାନଙ୍କ ପୁଅ ଶ୍ରୀକାନ୍ତ ପ୍ରଧାନ(୩୦) ଏକ ବାଇକ୍ ନେଇ କଳମଛୁଇଁ ଗ୍ରାମକୁ ତାଙ୍କ ଶାଶୁଙ୍କୁ ନେବା ପାଇଁ ଆସୁଥିଲେ । କନ୍ଧବେରେଣି ଗ୍ରାମ ମୁଣ୍ଡରେ ଥିବା ଜଙ୍ଗଲ ମଝିରେ ଅନ୍ୟ ଏକ ବାଇକ ସହିତ ତାଙ୍କ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଶ୍ରୀକାନ୍ତଙ୍କ ସମେତ ୨ୟ ବାଇକରେ ଥିବା ତାଳଚେର ବ୍ଲକ ଶିବରାମପୁର ଗ୍ରାମର ପଙ୍କଜ ବେହେରାଙ୍କ ପୁଅ ସୌଭାଗ୍ୟ ବେହେରା(୩୫) ଓ ଅନୁକୂଳ ପ୍ରଧାନଙ୍କ ପୁଅ ବିଭୂତି ପ୍ରଧାନ ଗୁରୁତର ଆହତ ହୋଇଥିଲେ । ଶ୍ରୀକାନ୍ତଙ୍କୁ ପ୍ରଥମେ ଏକ କାରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ୧୦୮ ରୋଗୀ ବୁହା ଗାଡ଼ିରେ ସୌଭାଗ୍ୟ ଓ ବିଭୂତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତିକରାଯାଇଥିଲା । ସେଠାରେ ଡାକ୍ତର ବିଭୁତିଙ୍କୁ ମୃତ ଘୋଷଣା କରିଥିଲେ ।

# ଚମ୍ପୁଆରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଚମ୍ପୁଆ,୧୪/୧୦(ନି/ପ୍ର):ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ସମାଜ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଝାଡେଶ୍ୱର ଆରୁକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନାଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ପ୍ରଥମେ ବିଦ୍ୟାମନ୍ଦିର ବୌଦ୍ଧିକ ମଣ୍ଡପରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ କଚେରୀ ପରିସରରେ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଗାନ୍ଧୀଛକଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାରେ ବିଭିନ୍ନ ବକ୍ତା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ମହାନ ଜୀବନ ଦର୍ଶନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁଉଦବୋଧନ ଦେଇଥିଲେ । ଗୋପବନ୍ଧୁଙ୍କର ବିଭିନ୍ନକ୍ଷେତ୍ରରେ ଓଡିଶା ତଥା ଭାରତ ପାଇଁ ଅବଦାନ ସମ୍ପର୍କରେ ଅବଗତ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଗୋପବନ୍ଧୁଙ୍କର ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦିଆଯାଇଥିଲା । ବିଦ୍ୟାଳୟର ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ, ପଵନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ୨୬ ଟି ଅଭିଯୋଗ ଶୁଣିଲେ ଜିଲ୍ଲା ପ୍ରଶାସନ ଶିବିର

ମାଲକାନଗିରି, ୧୪/୧୦(ନି/ପ୍ର):ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦରେ ଥିବା ନଗର ଭବନ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ, ମାଲକାନଗିରି ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ପିଏଆଇଟିଡିଏ ହଳଧର ଶବର, ବାଲିମେଳା ଏନଏସିର ଅଧ୍ୟକ୍ଷ ପ୍ରଦୀପ କୁମାର ନୟକ,ବାଲିମେଳା ଏନଏସିର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା,କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ ।ଏହି ଶିବିରରେ ମୋଟ ୨୬ ଟି ଅଭିଯୋଗର ଶୁଣାଣି ହୋଇଥିଲା ।ସେଥିରେ ଚାକିରୀ ପାଇଁ ୬ଟି,ଭତ୍ତା ପାଇଁ ୪ ଟି, ଜମି ପଟ୍ଟା ପାଇଁ ଗୋଟିଏ, ରାସ୍ତା ଓ କଲଭର୍ଟ ନିର୍ମାଣ ନିମନ୍ତେ ୪ଟି,ଗୋଟିଏ ବିଦ୍ୟୁତ ସଂଯୋଗୀକରଣ ସମ୍ବନ୍ଧେ , ଜଙ୍ଗଲ ଜମି ପଟ୍ଟା ପାଇଁ ଗୋଟିଏ,୩ ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାଲିମେଳା ମେଡିକାଲ ସମସ୍ୟା ସମ୍ବନ୍ଧୀୟ ୩ଟି ଏବଂ ଅନ୍ୟାନ୍ୟ ୩ ଟି ଏପରି ମୋଟ ୨୬ ଟି ଅଭିଯୋଗର ଶୁଣାଣି ହୋଇଥିଲା ।ଅଭିଯୋଗ ଶୁଣାଣି ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଓ ଜିଲ୍ଲା ଶିକ୍ଷାଧିକାରୀ ଚିନ୍ମରଞ୍ଜନ ପାଣିଗ୍ରାହୀ ଙ୍କ ସମେତ ଅନ୍ୟ ଅଧିକାରୀମାନେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଂଚି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି ।ଏହା ସହ ବିଦ୍ୟାଳୟରେ ପାଠ ପଢା କିପରି ଚାଲିଛି ପିଲାମାନଙ୍କୁ ପଚାରିବା ସହ ଭିନ୍ନି ଭୂମି ବୁଲି ଦେଖିଥିଲେ ।ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ବୁଧବାର ୧୫ ଅକ୍ଟୋବର ୨୦୨୫**

## ଜାତିବାଦର ପ୍ରଥମ ସଂକେତ -ଶମ୍ଭୁକ ବଧ

ବିଶ୍ୱାମିତ୍ର ଉପାଖ୍ୟାନରୁ ପାଠକଙ୍କ ହୃଦବୋଧ ହେବ ଯେ ଚାରିବର୍ଣ୍ଣ ପ୍ରଥା ବୈଦିକ କାଳରୁ ପ୍ରଚଳିତ ଥିଲା। କିନ୍ତୁ ତାହା ଗୁଣ ଓ କର୍ମକୁ ଆଧାର କରି ଚଳି ଆସୁଥିଲା। ଗୁଣ ଓ କର୍ମ ଅନୁସାରେ ବ୍ରାହ୍ମଣ କେତେବେଳେ ଶୂଦ୍ରରେ ପରିଣତ ହେଉଥିଲେ ତ ଆଉ କେତେବେଳେ ଶୂଦ୍ର ବ୍ରାହ୍ମଣ ପଦକୁ ଉନ୍ନୀତ ହେଉଥିଲେ। ବିଶ୍ୱାମିତ୍ର ରାଜା ଥିଲେ କ୍ଷତ୍ରିୟ। କିନ୍ତୁ ନିଷ୍ଠା ଓ ତପସ୍ୟା ବଳରେ ପାହାଚ ପରେ ପାହାଚ ଅତିକ୍ରମ କରି ଋଷି ହେବାର ଯୋଗ୍ୟତା ଅର୍ଜନ କଲେ। ରାଜା ଭାବେ କ୍ଷମତା, ସମ୍ପଦ ଓ ସମସ୍ତ ପାର୍ଥିବ ସୁଖର ଅଧିକାରୀ ହୋଇ ମଧ୍ୟ କାହିଁକି ସେ ସତ୍ୟ ଓ ଧର୍ମ ପାଳନର ପ୍ରତୀକ ଋଷି ହେବା ପାଇଁ ଇଚ୍ଛା କଲେ ? ବଶିଷ୍ଠଙ୍କ ଅତିଥି ହୋଇଥିବାବେଳେ ଦେଖିଲେ ଯେ କାମଧେନୁ ଦ୍ୱାରା ବଶିଷ୍ଠ ଯାହା ଚାହୁଁଛନ୍ତି କରିପାରୁଛନ୍ତି। କିନ୍ତୁ ସେ ରାଜା ହୋଇ ମଧ୍ୟ ଏସବୁ କ୍ଷମତାର ଅଧିକାରୀ ନୁହଁନ୍ତି। ଉଚ୍ଚାଭିଳାଷ ରଖିବା ହିଁ ସତ୍ ମଣିଷର ସ୍ୱାଭାବିକ ଗୁଣ। ଏଇ ଉଚ୍ଚାଭିଳାଷ ଥିଲା ବିଶ୍ୱାମିତ୍ରଙ୍କର। ବର୍ଣ୍ଣ ବ୍ୟବସ୍ଥା ସତ୍ତ୍ୱେ ସେ ତପସ୍ୟା ବଳରେ ରାଜାରୁ ରାଜର୍ଷି ଏବଂ ପରେ ବ୍ରହ୍ମର୍ଷି ହେଲେ। ଚାରିବର୍ଣ୍ଣ କ୍ରମଶଃ ଶହ ଶହ ଜାତିରେ ପରିଣତ ହେଲା। ତଥାପି ବିଶ୍ୱାମିତ୍ରଙ୍କ ଆଦର୍ଶ ଅନୁସରଣ କରି ଯଦି ଦକ୍ଷ ଓ ସାଧୁ ମଣିଷ ହେବା ପାଇଁ ଉଦ୍ୟମ କରାଯାଏ ତେବେ ସେ ଯେପରି ପ୍ରଥମେ ଋଷି, ତାପରେ ରାଜର୍ଷି, ତା'ପରେ ମହର୍ଷି ଏବଂ ସବାଶେଷରେ ବ୍ରହ୍ମର୍ଷିରେ ପରିଣତ ହେଲେ, ଏହା ଏବେ ବି ସମ୍ଭବ। ଜଣେ ଶୂଦ୍ର ମଧ୍ୟ ରାଷ୍ଟ୍ରପତି ହେବାରେ କୌଣସି ବାଧକ ନାହିଁ। ଏହା ଭାରତର ରାଜନୀତିକ ଇତିହାସରୁ ପ୍ରମାଣିତ ହୋଇଛି। ପାଠକମାନେ ପ୍ରଶ୍ନ କରିପାରିନ୍ତି ଯେ ରାମାୟଣ ଯୁଗରେ ମଧ୍ୟ ଜାତିପ୍ରଥା ଥିଲା। ନହେଲେ ଶୁଦ୍ର ଶମ୍ଭୁକ ଉଚ୍ଚାଶା ରଖି ତପସ୍ୟା କରିବାରୁ ତାଙ୍କୁ କାହିଁକି ରାମଚନ୍ଦ୍ର ବଧ କଲେ ? ଏଇ ଉପାଖ୍ୟାନ ରାମାୟଣର ପ୍ରଥମ କାଣ୍ଡରେ ନାହିଁ। ଏହା ଉତ୍ତରାକାଣ୍ଡରେ ରହିଛି। ମୂଳ ରାମାୟଣ ବାଲ୍ମିକୀ ରଚନା କରିଥିଲେ ମଧ୍ୟ ସେତେବେଳେ ମୁହଁରୁ ଶୁଣି ଶୁଣି ଅନ୍ୟମାନଙ୍କ ମାଧ୍ୟମରେ ଅର୍ଥାତ୍ ଶ୍ରୁତି ଭାବେ ଏହା ପ୍ରସାରିତ ହୋଇଥିବାରୁ ବାଲ୍ମିକୀଙ୍କ ମୂଳ ରଚନାର ଅନେକ ଋଷିଙ୍କ ରଚନା ଯେ ପ୍ରବେଶ କରିଛି ତାହା ପରବର୍ତ୍ତୀ ଗବେଷଣାରୁ ପ୍ରମାଣିତ ହୁଏ। ଶମ୍ଭୁକ ଉପାଖ୍ୟାନରେ କୁହାଯାଇଛି ଯେ ରାମ ରାଜା ଥିଲାବେଳେ ଜଣେ ନୈଷ୍ଠିକ, ସତ୍ୟବାଦୀ ଓ ଧର୍ମପରାୟଣ ବ୍ରାହ୍ମଣଙ୍କ ଏକମାତ୍ର ପୁତ୍ରର ମୃତ୍ୟୁ ହେଲା। ସେ ଶୋକରେ ମନକୁ ମନ କହିଲେ - ମୁଁ କେବେ ମିଥ୍ୟା କହିନାହିଁ, ହିଂସା କରିନାହିଁ, କୌଣସି ପାପ ମଧ୍ୟ କରିନାହିଁ। ତଥାପି କାହିଁକି ଏପରି ଦଣ୍ଡରେ ମୁଁ ପଡ଼ିଲି। ସେତେବେଳେ ଲୋକଙ୍କ ବିଶ୍ୱାସ ଥିଲା ଯେ ରାଜା ଏବଂ ଶାସନ ସତ୍ୟ ଓ ଧର୍ମପାଳନ କରୁଥିଲେ, ପ୍ରଜାମାନେ ଦୁଃଖରେ ପଡ଼ନ୍ତି ନାହିଁ। ରାମଙ୍କୁ ଦର୍ଶନ କରିବା ପାଇଁ ଆସି ବ୍ରାହ୍ମଣ କହିଲେ - ହେ ରାଜା ! ମୋତେ ଏ ଦଣ୍ଡ କାହିଁକି ମିଳିଲା ? ମୁଁ ଭାବୁଛି ଯେ ରାଜାଙ୍କ ଦୋଷରୁ ପ୍ରଜା ବିପଦଗ୍ରସ୍ତ ହୁଏ। ରାଜା ଅଧର୍ମ କଲେ ପ୍ରଜା ମରେ ବା ରାଜ୍ୟ ଶାସନ ଠିକ ଭାବେ ହେଉନଥିବାରୁ ଲୋକମାନେ ପାପ ଓ ଦୁରାଚାରରେ ଲିପ୍ତ ହୁଅନ୍ତି। ବଶିଷ୍ଠ ଓ ଅନ୍ୟମାନଙ୍କ ଅନୁରୋଧରୁ ମାର୍କଣ୍ଡେୟ, କାଶ୍ୟପ, ଗୌତମ, ନାରଦ ପ୍ରଭୃତି ଆସିଲେ। ରାମ ସେମାନଙ୍କୁ ବ୍ରାହ୍ମଣ ପୁତ୍ରର ଅକାଳ ମୃତ୍ୟୁର କାରଣ ପଚାରିବାରୁ ନାରଦ କହିଲେ - ସତ୍ୟ ଯୁଗରେ କେବଳ ବ୍ରାହ୍ମଣମାନେ ତପସ୍ୟା କରୁଥିଲେ, ତେଣୁ ସେ କାଳରେ ଅକାଳ ମୃତ୍ୟୁ ନ ଥିଲା। ତ୍ରେତା ଯୁଗରେ କ୍ଷତ୍ରିୟମାନଙ୍କ ସେବା କରିବା ପାଇଁ ଶୂଦ୍ର ମାନଙ୍କ କାର୍ଯ୍ୟ ହେଲା। ଏହାପରେ ଅଧର୍ମର ଦ୍ୱିତୀୟ ପାଦ ଆସିଲା ଦ୍ୱାପର ଯୁଗରେ। ସେତେବେଳେ ବୈଶ୍ୟମାନେ ମଧ୍ୟ ତପସ୍ୟା କରିବାକୁ ଲାଗିବେ। ତପସ୍ୟାର ଅର୍ଥ କଲାବେଳେ ବୁଝିବା ପାଇଁ ହେବ ଯେ ଉପରକୁ ଉଠିବା ପାଇଁ ଅର୍ଥାତ୍ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଅଧିପତି ହେବାପାଇଁ ଉଦ୍ୟମ ହେବାରୁ ଏଥିରୁ ବ*ିତ ଶୂଦ୍ରମାନେ ପ୍ରାୟ ଏକ ଘାରିଆ ହୋଇଗଲେ। ହୀନବର୍ଣ୍ଣ ଶୂଦ୍ରମାନେ ତପସ୍ୟା କରି ଉଚ୍ଚକୁ ଉଠିବା ପାଇଁ ବାଟ ନଥିଲା। ଦ୍ୱାପର ଯୁଗରେ ତପସ୍ୟା କରିବା ପରମ ଅପରାଧ ଭାବେ ବିବେଚିତ ହେବ। କିନ୍ତୁ ଏହା ସତ୍ତ୍ୱେ ତ୍ରେତାରେ ଶମ୍ଭୁକ ନାମକ ଶୂଦ୍ର ଉଚ୍ଚାଭିଳାଷି ରଖି ଦେବଲୋକକୁ ଯିବା ପାଇଁ ତପସ୍ୟା କଲାରୁ ଏପରି ହେଉଛି। ତାପରେ ରାମ ଶୁଣିଲେ ଯେ ରାଜ୍ୟରେ କୌଣସି ଶୂଦ୍ର ତପସ୍ୟା କରୁଥିବାରୁ ସେଇ ପାପରୁ ଏଇ ବାଳକର ମୃତ୍ୟୁ ହୋଇଛି। ଏହାପରେ ସେଇ ଶୂଦ୍ରକୁ ଅନୁସନ୍ଧାନ କରିବା ପାଇଁ ରାମ ଆଦେଶ ଦେଲେ ଏବଂ ବ୍ରାହ୍ମଣଙ୍କୁ ଆଶ୍ୱସ୍ତ କଲେ। ଏହା ସହିତ ମୃତ ବାଳକର ଶରୀର ଯେପରି ବିକୃତ ନହୁଏ ସେଥିପାଇଁ ପଦକ୍ଷେପ ନେବା ପାଇଁ ମଧ୍ୟ କହିଲେ। ଏହାପରେ, ଭରତ ପ୍ରଭୃତି ସେଇ ଶୂଦ୍ରକୁ ଖୋଜିବା ପାଇଁ ଉଦ୍ୟମ କଲେ। ଶେଷରେ ଦକ୍ଷିଣ ଦିଗରେ ସୈନ୍ୟମାନେ ପୂର୍ବତଟ ଉତ୍ତରର ଗୋଟିଏ ବଡ଼ ସରୋବର କୂଳରେ ମୁହଁ ତଳକୁ କରି ଜଣେ ତପସ୍ୱୀ କଠୋର ତପସ୍ୟା କରୁଥିବା ଦେଖିବାକୁ ପାଇଲେ। ରାମ ସେଇ ତପସ୍ୱୀକୁ ଦେଖି କହିଲେ, ତୁମେ ଧନ୍ୟ। ମୁଁ ଦଶରଥ ପୁତ୍ର ରାମ, କୌତୂହଳ ନିବାରଣ ପାଇଁ ପ୍ରଶ୍ନ କରୁଛି - ଏପରି କଠୋର ତପସ୍ୟା କାହିଁକି କରୁଛ ? ତୁମର ଅଭୀଷ୍ଟ କ'ଣ ? ପୂର୍ବ ପରି ମୁହଁ ତଳକୁ କରି ସେଇ ତପସ୍ୱୀ ଉତ୍ତର ଦେଲେ, ମୁଁ ସ୍ୱଶରୀରରେ ଦେବଲୋକକୁ ଯିବା ପାଇଁ ତପସ୍ୟା କରୁଛି। ରାମ, ମୁଁ ଦେବଲୋକ ଜୟ କରିବା ପାଇଁ ଚାହେଁ। ମିଥ୍ୟା କହିବି ନାହିଁ। ଜାତିରେ ମୁଁ ଶୂଦ୍ର ନାମ ଶମ୍ଭୁକ। ତାଙ୍କ ସାହାସ ଦେଖି ତତକ୍ଷଣାତ ଖଡ୍ଗ ଉତ୍ତୋଳନ କରି ତପସ୍ୱୀର ଶିରଚ୍ଛେଦ କଲେ। ଆକାଶରୁ ପୁଷ୍ପ ବୃଷ୍ଟି ହେଲା - ଦେବଗଣ କହିଲେ ରାମ, ତୁମେ ଆମର ପ୍ରିୟ କାର୍ଯ୍ୟ କରିଛ। ତୁମ ପାଇଁ ଏଇ ଶୂଦ୍ର ସ୍ୱର୍ଗକୁ ଯାଇପାରିଲା ନାହିଁ। ରାମ ରାଜଧାନୀକୁ ଫେରି ଆସି ମୃତ ବାଳକକୁ ଜୀବନ୍ୟାସ ଦେଲେ ଏବଂ ବ୍ରାହ୍ମଣ ସନ୍ତୁଷ୍ଟ ହୋଇ ରାମଙ୍କୁ ଧନ୍ୟଧନ୍ୟ କହି ପ୍ରସ୍ଥାନ କଲେ। ଚାରିବର୍ଣ୍ଣ ସଂକେତ ବେଦରେ ମଧ୍ୟ ଅଛି। କିନ୍ତୁ ସତ୍ୟଯୁଗ ଅର୍ଥାତ୍ ବୈଦିକ କାଳରେ ଜାତି ଭେଦ ପ୍ରଥା ନଥିଲା। କାରଣ ପ୍ରଜାପତି ବ୍ରହ୍ମା କହିଛନ୍ତି ଯେ ସେ ନାଭିପଦ୍ମରୁ ସୃଷ୍ଟି ହୋବପରେ ଦେବଗଣ ଯକ୍ଷ, କିନ୍ନର, ଅପସରା ସମସ୍ତଙ୍କୁ ସମାନ ଭାବେ ସୃଷ୍ଟି କଲେ। ସେତେବେଳେ ପାର୍ଥକ୍ୟ ନଥିଲା। କିନ୍ତୁ କାଳକ୍ରମେ ସତ୍ୟଯୁଗର ଦେବତାମାନଙ୍କ ମଧ୍ୟରେ ବି କାମନା ବାସନା ସୃଷ୍ଟି ହେଲା। ସ୍ୱର୍ଗକୁ ଆସିବା ପାଇଁ ତପସ୍ୟା କରୁଥିବା ଅସୁର ଓ ମନୁଷ୍ୟମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଦେବତାମାନେ ଅପସରା ମାନଙ୍କୁ ମର୍ତ୍ତ୍ୟକୁ ପଠାଇ ଅସୁର ମାନଙ୍କ ତପସ୍ୟା ଭାଙ୍ଗିବା କାର୍ଯ୍ୟ କରୁଥିଲେ। ଋଷିମାନଙ୍କ ତପୋଭଙ୍ଗ କରିବା ପାଇଁ ମଧ୍ୟ ଦେବଗଣ ଅପସରା ମାନଙ୍କୁ ପଠାଉଥିଲେ। କାରଣ ସେମାନଙ୍କର ଭୟ ଥିଲା ଯେ କାଳେ ତପସ୍ୟାରେ ସିଦ୍ଧ ହୋଇଗଲେ

## ଚିନ୍ମୟ ଚେତନା :ଯୁଗେ ଯୁଗେ ସାହିତ୍ୟ ବିବାଦ



ଓଡ଼ିଆ ସାହିତ୍ୟ ଜଗତଟା ଆଜି ପୁସ୍ତକ ଉନ୍ମୋଚନର ଫଟୋ ଭିତରେ ରୁନ୍ଧି ହୋଇ ରହିଯାଇଛି। ଅବଶ୍ୟ ବେଳେବେଳେ କିଛି ସାହିତ୍ୟ ପୁରସ୍କାର ଘୋଷଣା ହେଲେ ଲୋକେ ଟିକିଏ ଚେଇଁ ଉଠନ୍ତି ଓ ପୁରସ୍କାର ବଛାବଛିରେ ଷଡ଼ଯନ୍ତ୍ର, ଧରାଧରି, ପ୍ରିୟାପ୍ରୀତି ତୋଷଣ କଥାକୁ ନେଇ ଟୁପୁରୁ ଟାପୁରୁ ହୁଅନ୍ତି। ଓଡ଼ିଆ ସାହିତ୍ୟ ବିବାଦର ଶତକଡ଼ା ୯୯ ଭାଗ ହେଲା ଏଇ ପୁରସ୍କାର ବିଷୟ। ସୋସିଆଲ ମିଡିଆରେ ଏସବୁ ଚୁଗୁଲିଆମିର କିଛି ବାଡ଼ବତା ରହେ ନାହିଁ; ସବୁ ସେଠି ଖୁଲ୍ଲମଖୁଲା। ତେବେ, ଏଇ ବିବାଦଗୁଡ଼ିକ ଶୁଷ୍କ ଓଡ଼ିଆ ସାହିତ୍ୟ ଭୂଇଁକୁ ବେଳେବେଳେ ରସ-ଆର୍ଦ୍ର କରିପକାନ୍ତି। ସାହିତ୍ୟରେ ବାଦବିବାଦ କିଛି ନୂଆ କଥା ନୁହେଁ। ପ୍ରାଚୀନ କାଳରେ କବି, ପଣ୍ଡିତମାନେ ରାଜାଙ୍କ ଦରବାରରେ ସାହିତ୍ୟ ତର୍କବିତର୍କରେ ମାତୁଥିଲେ, ପ୍ରଶ୍ନ ପଚରାପଚରି ହେଉଥିଲେ ଓ ବିପକ୍ଷକୁ ସାହିତ୍ୟର ପରିଧି ଭିତରେ ଅପଦସ୍ଥ କରିବାକୁ ପଛାଉ ନ ଥିଲେ। ସୃଜନଶୀଳ ସାହିତ୍ୟିକମାନେ ଅତ୍ୟନ୍ତ କଳ୍ପନାପ୍ରବଣ ଏବଂ ସମ୍ବେଦନଶୀଳ ପ୍ରାଣୀ। ତାଙ୍କର ଅହଂ ବୃହତ୍ ଆକାରର। ଯେ କୌଣସି ଆହ୍ୱାନ, ସମାଲୋଚନା, କିମ୍ବା ପ୍ରତିଦ୍ୱନ୍ଦ୍ୱୀର ସଫଳତା ତାଙ୍କୁ ବ୍ୟକ୍ତିଗତ ଅପମାନ ଭଳି ଲାଗେ। ସେମାନେ ନିଜର ପ୍ରତିଭାକୁ ନିଜର ଅସ୍ତିତ୍ୱ ସହିତ ଏତେ ଗଭୀର ଭାବେ ଜଡ଼ିତ କରିଦିଅନ୍ତି ଯେ ସେମାନଙ୍କ କାର୍ଯ୍ୟ ଉପରେ ଆକ୍ଷେପ ତାଙ୍କୁ ନିଜର ଆତ୍ମା ଉପରେ ଆକ୍ରମଣ ପରି ଲାଗେ। ପୁଣି ସାହିତ୍ୟିକମାନେ ସାମାଜିକ କଳହ ସୃଷ୍ଟି କରିବାକୁ ସଂକୋଚ ବୋଧ କରନ୍ତି ନାହିଁ। ସେମାନେ ସାର୍ବଜନୀନ ମଚଂରେ ନିଜର ପ୍ରତିବାଦୀମାନଙ୍କୁ ଅପମାନିତ କରିବାକୁ ପ୍ରସ୍ତୁତ ରହନ୍ତି। ସବୁ ଭାଷାରେ ସାହିତ୍ୟିକଙ୍କ କଜିଆ ଏକ ସାଧାରଣ କଥା। ଇଂରେଜୀ ସାହିତ୍ୟରେ ଆଲେକ୍‌ଜାଣ୍ଡାର ପୋପ ସାହିତ୍ୟିକ କନ୍ଦଳର କିଂବଦନ୍ତିସୁଲଭ ଦୃଷ୍ଟାନ୍ତ ଛାଡ଼ିଯାଇଛନ୍ତି। ତାଙ୍କର ବିରାଟ ଅହଂ ଏବଂ ତୀକ୍ଷ୍ଣ ବୁଦ୍ଧି ତାଙ୍କୁ ସାହିତ୍ୟ ଜଗତର ଏକ ଭୟଙ୍କର ସୃଜନଶୀଳ ପ୍ରତିଦ୍ୱନ୍ଦ୍ୱୀରେ ପରିଚିତ କରିଦେଇଥିଲା। ସେ କେବଳ ଜବାବ ଦେଉ ନ ଥିଲେ, ନିଜର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ସାହିତ୍ୟିକ ଇତିହାସରେ ମୂର୍ଖ ଭାବରେ ଅମରତ୍ୱ ପ୍ରଦାନ କରିଯାଉଥିଲେ। ତାଙ୍କର ବିଖ୍ୟାତ ବ୍ୟଙ୍ଗାତ୍ମକ କବିତା 'ଦି ଡୁନସିଆଡ' ('ମୂଢ଼ ଚରିତ')ରେ ସେ ନିଜର ଶତ୍ରୁମାନଙ୍କୁ ବିଦ୍ରୂପାତ୍ମକ ଶୈଳୀରେ ଆକ୍ରମଣ କରିଥିଲେ। ପୋପଙ୍କ ଲେଖାରେ ବ୍ୟଙ୍ଗ ଏକ ଅସ୍ତ୍ର ଭଳି କାମ କରୁଥିଲା, ଯାହା ତାଙ୍କ କ୍ରୋଧର ଶିକାର ହୋଇଥିବା ସାହିତ୍ୟିକମାନଙ୍କୁ ମଧ୍ୟ ସାହିତ୍ୟରେ ଅମର କରି ରଖିଛି, ଯଦିଓ ଅଧମ ଓ ଦୟନୀୟ ରୂପରେ। ହିନ୍ଦୀ ସାହିତ୍ୟର ଦୁଇ ଉଜ୍ଜ୍ୱଳ ଜ୍ୟୋତିଷ୍କ ସୁମିତ୍ରାନନ୍ଦନ ପନ୍ତ ଓ ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା'ଙ୍କ ଭିତରେ ମଧ୍ୟ ବିବାଦ ସର୍ବଜନବିଦିତ ଥିଲା। ଦୁର୍ଭାଗ୍ୟକୁ ଥରେ ଏହା ଶାରୀରିକ ସ୍ତରକୁ ଖସି ଆସିଥିଲା। ସେତେବେଳେ 'ନିରାଲା'ଙ୍କ ଲୋକପ୍ରିୟତା ଓ ପ୍ରସିଦ୍ଧି ଶୀର୍ଷ ଦେଶରେ ଥିଲା। ସ୍ୱାଭାବିକ ଥିଲା ଯେ ତାହା ଅନ୍ୟ ସାହିତ୍ୟିକମାନଙ୍କର ଗାତ୍ରଦାହ ଓ ଈର୍ଷା ସୃଷ୍ଟି କରିବ। ସେଇଆ ହିଁ ହେଲା। ଥରେ ପନ୍ତ ଜଣେ ମଲ୍ଲଯୋଦ୍ଧା ଭଳି କାଛିଆ ପିନ୍ଧି 'ନିରାଲା'ଙ୍କ ପାଖରେ ପହଚିଂ ଗଲେ ଲଢ଼େଇର ରଣହୁଙ୍କାର ଛାଡ଼ି। ଅବଶ୍ୟ ସେଠି ଉପସ୍ଥିତ ଥିବା ହରିବଂଶ ରାୟ ବଚ୍ଚନ ଓ ଲେଖକ ଅମୃତଲାଲ ନାଗରଙ୍କ ମଧ୍ୟସ୍ଥତାରେ ଆସନ୍ନ ମଲ୍ଲଯୁଦ୍ଧଟି ଟଳି ଯାଇଥିଲା। ଏକଥା ହରିବଂଶ ତାଙ୍କର ଆତ୍ମଜୀବନୀ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଆଉ ଆମ ଓଡ଼ିଶାରେ ମଧ୍ୟ ସାହିତ୍ୟ ବିବାଦ ଅନେକ ଦିନରୁ ଚାଲି ଆସିଛି ଓ ସେଗୁଡ଼ିକର ସବୁଠୁ ବଡ଼ ନମୁନା ହୋଇ ରହି ଯାଇଛି ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଦେଖା ଦେଇଥିବା 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକା ଭିତରେ ସାହିତ୍ୟ ଯୁଦ୍ଧ। ଉଭୟ ପତ୍ରିକାର ଉଦ୍ଦେଶ୍ୟଗତ ପାର୍ଥକ୍ୟ ଥିଲା। 'ବିଜୁଳି' ଗୋଷ୍ଠୀ ଉପେନ୍ଦ୍ର ଭଞ୍ଜଙ୍କ ରୀତି ଧର୍ମୀ କବିତାକୁ ଅଶ୍ଳୀଳ, କ୍ଲିଷ୍ଟ ଇତ୍ୟାଦି କହି ଭର୍ତ୍ସନା କରିବା ବେଳେ 'ଇନ୍ଦ୍ରଧନୁ' ଦଳ ଭଞ୍ଜଙ୍କୁ ପ୍ରଶଂସା କରିବା ସହ 'ବିଜୁଳି'ର ପ୍ରିୟ, କବିବର ରାଧାନାଥଙ୍କ ତୀବ୍ର ସମାଲୋଚନା କରୁଥିଲେ। ଏହି ସାହିତ୍ୟ ଯୁଦ୍ଧ ଏତେ ଲୋକପ୍ରିୟ ହୋଇ ଯାଇଥିଲା ଯେ ଅନେକ ସାହିତ୍ୟପ୍ରେମୀ ସେଥିରେ ସାମିଲ ହୋଇଗଲେ। ସେତେବେଳେ ମାତ୍ର ଅଷ୍ଟମ ଶ୍ରେଣୀରେ ପଢୁଥିବା ଗୋପବନ୍ଧୁ ଦାସ ଉଦ୍‌ବୁଦ୍ଧ ହୋଇ 'ଇନ୍ଦ୍ରଧନୁ'ରେ ଛଦ୍ମ ନାମରେ ଗୋଟିଏ କବିତା ଛାପି ଦେଲେ ଯାହା ଥିଲା ଏମିତି : "ଧଡ଼ିଆ ପଣ୍ଡିତ-ମନ୍ୟ/ ବାଉରୀ ସାହିରେ ଶୃଗାଳକେଶରୀ/ ପରି ହେଉଥାନ୍ତି ଗଣ୍ୟ।" ରାଧାନାଥ ଶାରୀରିକ ଭାବେ ଦୁର୍ବଳ ଥିବାରୁ ଗୋପବନ୍ଧୁ ତାଙ୍କୁ ବ୍ୟଙ୍ଗ କରିଛନ୍ତି ଏହି 'ଧଡ଼ିଆ' ଶବ୍ଦ ମାଧ୍ୟମରେ। କହିବା ବାହୁଲ୍ୟ, ଗୋପବନ୍ଧୁଙ୍କୁ ତାଙ୍କର ଦୁଃସାହସର ମୂଲ୍ୟ ଭରିବାକୁ ପଡ଼ିଲା ଯେତେବେଳେ ଶିକ୍ଷା ବିଭାଗରେ ଉଚ୍ଚ ଆସନ ଅଳଙ୍କୃତ କରୁଥିବା କବିବର, ଗୋପବନ୍ଧୁଙ୍କ ସ୍କୁଲକୁ ଇନସ୍ପେକସନରେ ଆସି ତାଙ୍କୁ ଦଣ୍ଡବିଧାନ କରିଥିଲେ। ଓଡ଼ିଶାର ବିଶିଷ୍ଟ କବି ମାୟାଧର ମାନସିଂହ ଉଭୟ ଇଂରେଜୀ ଓ ଓଡ଼ିଆରେ 'ଓଡ଼ିଆ ସାହିତ୍ୟର ଇତିହାସ' ଲେଖିବା ପରେ ପ୍ରତିକ୍ରିୟା ଓ ପ୍ରତିବାଦ ସ୍ୱରୂପ ବିପ୍ଳବୀ କବି ରବି ସିଂହ ବହିଟିକୁ ଅତି କଟୁ ଭାଷାରେ ସମାଲୋଚନା କରିଛନ୍ତି ତାଙ୍କର 'ଓଡ଼ିଆ ସାହିତ୍ୟର ଧର୍ଷଣ' ପୁସ୍ତକରେ। ମାନସିଂହ କରିଥିବା ଅନେକ ଐତିହାସିକ, ଭୌଗୋଳିକ, ସାଂସ୍କୃତିକ ଦାବିଗୁଡ଼ିକୁ ତଥା ତାଙ୍କର ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକମାନଙ୍କର ମୂଲ୍ୟାଙ୍କନକୁ ଆମୂଳଚୂଳ ପ୍ରତ୍ୟାଖ୍ୟାନ କରିଛନ୍ତି ଶ୍ରୀ ସିଂହ। ଯା ବ୍ୟତୀତ ଶ୍ରୀ ମାନସିଂହଙ୍କ କବିତାରେ କବିଗୁରୁ ରବୀନ୍ଦ୍ରନାଥଙ୍କ ଭାଷା, ଭାବ ଓ ବିଷୟର ନକଲ ହୋଇଥିବାର ସୂଚନା ଉଦାହରଣ ସହ ଦେଇଛନ୍ତି ରବି ସିଂହ। ସାରସ୍ୱତ ବିବାଦ ସାହିତ୍ୟକୁ ନେଇ ସୃଷ୍ଟି ହୁଏ ସତ, ହେଲେ ଅନେକ ସ୍ଥଳରେ ବ୍ୟକ୍ତିଗତ ଆକ୍ରମଣ ଏହାର ଏକ ବିଶେଷ ଅଂଶ ହୋଇଯାଏ। 'ଇନ୍ଦ୍ରଧନୁ-ବିଜୁଳି' କଳହ ଓଡ଼ିଆ ସାହିତ୍ୟର ଅଶେଷ ହିତ ସାଧନ କରିଥଲା। ଏହି କନ୍ଦଳ ପରେ ପ୍ରାଚୀନ ସାହିତ୍ୟ ଲୋକପ୍ରିୟ ହେଲା ଓ ରାଧାନାଥ ସାହିତ୍ୟ ସ୍ୱୀକୃତି ପାଇଲା। କିନ୍ତୁ କଳହ ସମୟରେ ମୁଖ୍ୟ ଚରିତ୍ରମାନଙ୍କୁ ତିକ୍ତ କଟାକ୍ଷର ଶରବ୍ୟ କରାଯାଇଥିଲା ଓ 'କଣାଭୂଷଣ', 'କଣାମାମୁ' ଓ 'ଧଡ଼ିଆ' ଇତ୍ୟାଦି ଅପମାନଜନକ ଶବ୍ଦ ପ୍ରୟୋଗ କରାଯାଇଥିଲା। ସେମିତି ମାୟାଧର-ରବି ବିବାଦ ବେଳେ ସାହିତ୍ୟିକ ଆଲୋଚନା ବାହାରକୁ ଯାଇ ଅନିୟମିତତାବଶତଃ ମାନସିଂହଙ୍କ ଚାକିରି ଯିବା ଇତ୍ୟାଦି ପ୍ରସଙ୍ଗ ଉଠାଯାଇଛି। ହେଲେ ଆଜିର ଓଡ଼ିଆ ସାହିତ୍ୟ ବିବାଦ ସାହିତ୍ୟ ପ୍ରସଙ୍ଗ ବିବର୍ଜିତ, ଏହା ଆଜି ଲଢ଼ାଯାଉଛି କେବଳ ବ୍ୟକ୍ତିଗତ ସ୍ତରରେ।

## କବ୍‌ଜାରେ କଲରେଇ ଫୁଲ

ଚଳିତ ବର୍ଷର ନୋବେଲ୍ ପୁରସ୍କାର ବିଜେତାମାନେ କିନ୍ତୁ ସେମାନଙ୍କର ଉପଲବ୍ଧି ମାଧ୍ୟମରେ ପଦାର୍ଥବିଜ୍ଞାନ ପରିସରରେ ପରୀକ୍ଷା ଓ ପ୍ରୟୋଗର ଗୁରୁତ୍ୱ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ତତ୍ତ୍ୱ ନୂତନ ସମ୍ଭାବନାମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ; ପରୀକ୍ଷା ସେଇ ସମ୍ଭାବନା ବାସ୍ତବତାରେ ପରିଣତ ହେବା ପାଇଁ ପଥ ପ୍ରଦର୍ଶନ କରିଥାଏ। କ୍ୱାଂଟମ୍ ମେକାନିକ୍‌ସକୁ ଶେଷ ପର୍ଯ୍ୟନ୍ତ ପୂର୍ଣ୍ଣ ପ୍ରାଣରେ ଗ୍ରହଣ କରିପାରି ନ ଥିବା ଆଇନ୍‌ଷ୍ଟାଇନ୍ ଏହାକୁ ଏକଦା ଏକ ଭୌକାରବାର ରୂପେ ବର୍ଣ୍ଣନା କରିଥିଲେ। ବିଂଶ ଶତାବ୍ଦୀର ଅନ୍ୟ ଜଣେ ବିଚକ୍ଷଣ ପ୍ରଭାବଶାଳୀ ପଦାର୍ଥବିଜ୍ଞାନୀ ରିଚାର୍ଡ ଫାଇନ୍ ?ମ୍ୟାନ୍ ଥରେ ମନ୍ତବ୍ୟ ପ୍ରଦାନ କରିଥିଲେ : ''ମୁଁ ନିରାପଦରେ ଘୋଷଣା କରିପାରେ ଯେ କେହି ହେଲେ କ୍ୱାଂଟମ୍ ମେକାନିକ୍‌ସକୁ ବୁଝି ନାହାନ୍ତି।'' ଠିକ୍ ଯେମିତି କ୍ୱାଂଟମ୍ ମେକାନିକ୍‌ସ ତତ୍ତ୍ୱକୁ ପ୍ରଭାବିତ କରିଥିବା ହିନ୍ଦୁ ବେଦାନ୍ତ ଦର୍ଶନକୁ କେହି ହେଲେ ସଂପୂର୍ଣ୍ଣ ରୂପେ ବୁଝି ନଥାନ୍ତି, ଯାହା ଅନୁସାରେ ଦୃଶ୍ୟମାନ ଜଗତ ହେଉଛି ଏକ ମାୟା, ଯାହା ସତ ନୁହେଁ କି ମିଛ ନୁହେଁ। (ଏହାର ଏକ ଉଦାହରଣ ସ୍ୱରୂପ ତାଙ୍କର ଦାର୍ଶନିକ ବନ୍ଧୁ ହାନ୍‌ସ ରାଇକେନ୍‌ବାକ୍‌ଙ୍କ ମାଧ୍ୟମରେ ବେଦାନ୍ତ ଦର୍ଶନ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିବା କ୍ୱାଂଟମ୍ ମେକାନିକ୍ ?ସର ତରଙ୍ଗ ତନ୍ତ୍ରର ଆବିଷ୍କର୍ତ୍ତା ମହାନ ଅଷ୍ଟ୍ରୀୟ ପଦାର୍ଥବିଜ୍ଞାନୀ ଏ ?ର୍ୱିନ୍ ଶ୍ରୋଡିଙ୍ଗର୍ ପ୍ରମାଣ କରିଛନ୍ତି ଯେ କଠିନ ବସ୍ତୁମାନଙ୍କୁ ନେଇ ଗଠିତ ଆମର ପରିଚିତ ଦୁନିଆ ହେଉଛି ପ୍ରକୃତରେ ତରଙ୍ଗମାନଙ୍କର ଏକ ସମଷ୍ଟି- ଏକ ତରଙ୍ଗାୟିତ ଜଳାଶୟ ଭଳି।) ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ଅକ୍ ?ଟୋବର ୭ ତାରିଖରେ ସ୍ୱିଡେନ୍‌ର 'ରୟାଲ୍ ଏକାଡେମୀ ଅଫ୍ ସାଇନ୍ ?ସ' ଯେତେବେଳେ ୨୦୨୫ ପାଇଁ ପଦାର୍ଥବିଜ୍ଞାନରେ ନୋବେଲ୍ ପ୍ରାଇଜ୍ ଘୋଷଣା କଲା, ସେତେବେଳେ ସେଠାରେ ଉପସ୍ଥିତ ସାମ୍ବାଦିକମାନେ ତାହାର ଥଳକୂଳ ନ ପାଇ ସେମାନଙ୍କର ସ୍ୱଭାବସୁଲଭ ପ୍ରଗଲ୍‌ଭତା ପରିତ୍ୟାଗ କରି ପ୍ରଶ୍ନୋତ୍ତର କାଳରେ କୌଣସି ପ୍ରଶ୍ନ ନ ପଚାରି ପ୍ରାୟ ଚୁପ୍ ହୋଇ ବସି ରହିବା ଦେଖାଯାଇଥିଲା। କ୍ୱାଂଟମ୍ ମେକାନିକ୍‌ସର ରହସ୍ୟମୟ ଦୁନିଆ ହେଉଛି ଅଣୁ ଠାରୁ କ୍ଷୁଦ୍ରତର କଣିକାମାନଙ୍କର ଦୁନିଆ। ବୃହତ୍ତର (ମାକ୍ରୋ) ଦୁନିଆ କିନ୍ତୁ କ୍ଲାସିକାଲ୍ ପଦାର୍ଥବିଜ୍ଞାନର ନିୟମମାନଙ୍କୁ ପ୍ରୟୋଗ କରି ଚଳିଥାଏ। ବୃହତ୍ତର ଦୁନିଆରେ ଯଦି କ୍ୱାଂଟମ୍ ନିୟମ ପ୍ରୟୋଗ ସମ୍ଭବ ହୁଅନ୍ତା, ସେଥିରୁ ଅଶେଷ ସୁଫଳ ମିଳିପାରନ୍ତା ବୋଲି ପଦାର୍ଥବିଜ୍ଞାନୀମାନେ ଜାଣନ୍ତି। କିନ୍ତୁ ସମସ୍ୟା ହେଲା କ୍ୱାଂଟମ୍ ଆଚରଣ କେବଳ କ୍ଷୁଦ୍ରାତିକ୍ଷୁଦ୍ର କଣିକାମାନଙ୍କ ଠାରେ ପରିଲକ୍ଷିତ ହୋଇଥାଏ, ମାକ୍ରୋ ଦୁନିଆରେ ତାହା ଉଭାନ ହୋଇଯାଇଥାଏ। ଚଳିତ ବର୍ଷ ନୋବେଲ୍ ପୁରସ୍କାର ପାଇଥିବା ପଦାର୍ଥବିଜ୍ଞାନୀ ତିନି ଜଣ - ଜନ୍ କ୍ଲାର୍କ, ମିସେଲ୍ ଡେଭରେ ଓ ଜନ୍ ମାର୍ଟିନିସ୍ - ସେମାନଙ୍କର ଗବେଷଣା ମାଧ୍ୟମରେ ପ୍ରଦର୍ଶିତ କରିଛନ୍ତି ଯେ ଏକ ବିଶେଷ ପରିବେଶ ସୃଷ୍ଟି ଦ୍ୱାରା ବୃହତର ଦୁନିଆରେ ବ୍ୟବହୃତ ଦୈନନ୍ଦିନ ବିଜୁଳି ସର୍କିଟ୍‌ମାନଙ୍କରେ କ୍ୱାଂଟମ୍ ଆଚରଣର ଆବିର୍ଭାବ ସମ୍ଭବ କରାଯାଇ ପାରିବ। ଏପରି ଏକ ବିଶେଷ ପ୍ରକ୍ରିୟା ହେଉଛି- 'କ୍ୱାଂଟମ୍ ଟନେଲିଙ୍ଗ୍', ଯାହାର ଆକ୍ଷରିକ ଅନୁବାଦ କରାଯାଇପାରେ- 'କ୍ୱାଂଟମ୍ ସୁଡ଼ଙ୍ଗ ଖନନ'। ଏହା ଅନୁସାରେ କ୍ଲାସିକାଲ୍ ପଦାର୍ଥବିଜ୍ଞାନରେ ଅଲଂଘ୍ୟ ହୋଇଥିବା ପ୍ରତିବନ୍ଧକମାନଙ୍କୁ କ୍ୱାଂଟମ୍ ମେକାନିକ୍‌ସରେ କଣିକାମାନ ଅନାୟାସରେ ଅତିକ୍ରମ କରିପାରିଥାନ୍ତି। ଏହା ସୁବିଦିତ ଯେ ପରୀ କାହାଣୀର କଲରେଇ ଫୁଲ ଭଳି କ୍ୱାଂଟମ୍ ମେକାନିକ୍‌ସରେ କଣିକାମାନ (ଯେମିତି ଇଲେକ୍ଟ୍ରନ୍) ପର୍ଯ୍ୟବେକ୍ଷକଙ୍କ ସହିତ ଲୁଚକାଳି ଖେଳିଥାନ୍ତି। ସେମାନେ ଏକାନ୍ତରେ ଯେଉଁ ଆଚରଣ ପ୍ରଦର୍ଶନ କରିଥାନ୍ତି, ତାହାକୁ ଏକ ବୃହତ୍ତର ପରିପ୍ରେକ୍ଷୀରେ ପ୍ରୟୋଗ କରିବାକୁ ଚେଷ୍ଟା କଲେ ସେମାନେ ଲୁଚି ଯାଇଥାନ୍ତି। କ୍ଲାର୍କ, ଡେଭରେ ଓ ମାର୍ଟିନିସ୍ କିନ୍ତୁ ଯେଉଁ ଚମତ୍କାରିତା ହାସଲ କରିଛନ୍ତି, ତାହା ହେଲା ସେମାନେ ପ୍ରମାଣିତ କରିଛନ୍ତି ଯେ ଚତୁର ଡିଜାଇନ୍ ଓ ନିୟନ୍ତ୍ରଣ ଦ୍ୱାରା ଏକ ବୃହତ୍ ବିଦ୍ୟୁତ୍ ସର୍କିଟରେ ମଧ୍ୟ କ୍ୱାଂଟମ୍ ଚରିତ୍ରକୁ ସୁରକ୍ଷିତ ରଖାଯାଇ ପାରିବ ଓ ପରିମାପ କରାଯାଇ ପାରିବ। କୁହାଯାଇପାରେ ଯେ ଏହା କ୍ଷୁଦ୍ରାତିକ୍ଷୁଦ୍ର (ମାଇକ୍ରୋସ୍କୋପିକ୍) କ୍ୱାଂଟମ୍ ଦୁନିଆ ଓ ବୃହଦାକାର (ମାକ୍ରୋସ୍କୋପିକ୍) ବାସ୍ତବ ଦୁନିଆ ଭଳି ଦୁଇ ସଂପୂର୍ଣ୍ଣ ରୂପେ ବିଚ୍ଛିନ୍ନାଂଚଳ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନକାରୀ ସେତୁବନ୍ଧ ବାନ୍ଧିବାରେ ସହାୟକ ହୋଇଛି। ଏହି ଯୋଗସୂତ୍ର ସ୍ଥାପନ ଦ୍ୱାରା କ୍ୱାଂଟମ୍ କମ୍ପ୍ୟୁଟରରୁ ଆରମ୍ଭ କରି କ୍ୱାଂଟମ୍ ସେନ୍‌ସର୍ ଓ କ୍ୱାଂଟମ୍ କ୍ରିପ୍‌ଟୋଗ୍ରାଫି ଆଦି ପର୍ଯ୍ୟନ୍ତ କ୍ୱାଂଟମ୍ ଟେକ୍‌ନୋଲୋଜିର ସୃଷ୍ଟି ସମ୍ଭବ ହେବ। ଅର୍ଥାତ୍ କ୍ୱାଂଟମ୍ ଆଚରଣ ଆଉ ଏକ ଜଟିଳ ତାତ୍ତ୍ୱିକ ଜଗତରେ ଏକ ଆଳଙ୍କାରିକ ଧାରଣା ହୋଇ ନ ରହି ବାସ୍ତବ ଜଗତରେ ନୂତନ ଶକ୍ତିଶାଳୀ ଯନ୍ତ୍ରପାତି ଓ ସର୍କିଟ ଆଦି ନିର୍ମାଣର ମୂଳଭିତ୍ତି ରୂପେ କାର୍ଯ୍ୟ କରିବ। ପୃଥିବୀରେ ବର୍ତ୍ତମାନ କ୍ୱାଂଟମ୍ କମ୍ପ୍ୟୁଟର୍ ଓ ଅନ୍ୟାନ୍ୟ କ୍ୱାଂଟମ୍-ଭିତ୍ତିକ ଉପକରଣମାନ ନିର୍ମାଣ କରିବା ନିମିତ ଯେଉଁ ଦୌଡ଼ ଦେଖାଦେଇଛି, ସେଥିରେ ଅଗ୍ରଗତି ହାସଲ ନିମିତ୍ତ ଉପରୋକ୍ତ ତିନି ପଦାର୍ଥବିଜ୍ଞାନୀମାନଙ୍କର ଏହି ଅବଦାନ ଏକ ବିଶେଷ ଗୁରୁତ୍ୱ ବହନ କରିଥାଏ। ଯଦି ଏଥିରେ ତଥାପି ରହିଯାଇଥିବା ତ୍ରୁଟିମାନ, କ୍ୱାଂଟମ୍ ଆଚରଣରେ ଶବ୍ଦଜନିତ କ୍ଷତି (ଡିକୋହରେନ୍‌ସ) ଆଦିକୁ ସୀମିତ କରି ଦିଆଯାଇ ପାରିବ, ତେବେ ଏହି ନୂତନ ପ୍ରବିଧି କମ୍ପ୍ୟୁଟିଙ୍ଗ୍‌ରୁ ଯୋଗାଯୋଗ ପର୍ଯ୍ୟନ୍ତରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ପଦାର୍ଥବିଜ୍ଞାନରେ ପରୀକ୍ଷା ଅପେକ୍ଷା ତାତ୍ତ୍ୱିକ ଆବିଷ୍କାର ସର୍ବଦା ଅଗ୍ରାଧିକାର ଲାଭ କରିଆସିଛି। ଆଇନ୍‌ଷ୍ଟାଇନ୍‌ଙ୍କ ମସ୍ତିଷ୍କରୁ ବାହାରିଥିବା ତତ୍ତ୍ୱମାନଙ୍କର ସତ୍ୟତା କିପରି ପରବର୍ତ୍ତୀ ସମୟରେ ଓ ଆଜିଯାଏ ପରୀକ୍ଷା ଦ୍ୱାରା ସତ୍ୟ ସାବ୍ୟସ୍ତ ହେବାରେ ଲାଗିଛି, ତାହା ଚମକପ୍ରଦ କିଂବଦନ୍ତିରେ ପରିଣତ ହୋଇଛି। ଚଳିତ ବର୍ଷର ନୋବେଲ୍ ପୁରସ୍କାର ବିଜେତାମାନେ କିନ୍ତୁ ସେମାନଙ୍କର ଉପଲବ୍ଧି ମାଧ୍ୟମରେ ପଦାର୍ଥବିଜ୍ଞାନ ପରିସରରେ ପରୀକ୍ଷା ଓ ପ୍ରୟୋଗର ଗୁରୁତ୍ୱ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ତତ୍ତ୍ୱ ନୂତନ ସମ୍ଭାବନାମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ; ପରୀକ୍ଷା ସେଇ ସମ୍ଭାବନା ବାସ୍ତବତାରେ ପରିଣତ ହେବା ପାଇଁ ପଥ ପ୍ରଦର୍ଶନ କରିଥାଏ। ତେବେ ଏହି ସମସ୍ତ ସମ୍ଭାବନା ସାକାର ହେବା ପଥ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ପରୀକ୍ଷାଗାରରେ ପ୍ରସ୍ତୁତ ଏକ ସୁନିୟନ୍ତ୍ରିତ କମ୍ପ୍ୟୁଟରକୁ ଏକ ବ୍ୟବହାରଯୋଗ୍ୟ ବୃହତ୍ ଶକ୍ତିଶାଳୀ କ୍ୱାଂଟମ୍ କମ୍ପ୍ୟୁଟ ?ରେ ରୂପାନ୍ତରିତ କରିବା ଏକ ସହଜସାଧ୍ୟ କାର୍ଯ୍ୟ ନୁହେଁ। ତ୍ରୁଟି ସଂଶୋଧନ, ନିର୍ଭରଯୋଗ୍ୟତା ଓ ନିର୍ଭୁଲ୍ ନିୟନ୍ତ୍ରଣ ଆଦିର ଆବଶ୍ୟକତା ଯେଉଁ କଠିନ ପ୍ରତିବନ୍ଧକମାନ ସୃଷ୍ଟି କରିଥାନ୍ତି, ତାହାକୁ ଅତିକ୍ରମ କରିବା ଅସମ୍ଭବ ନ ହେଲେ ମଧ୍ୟ ଅତ୍ୟନ୍ତ ଦୁରୂହ ବ୍ୟାପାର ହୋଇଥାଏ। ପଦାର୍ଥବିଜ୍ଞାନୀମାନେ ଜାଣନ୍ତି କ୍ୱାଂଟମ୍ ଅବସ୍ଥା ଅତ୍ୟନ୍ତ ସ୍ପର୍ଶକାତର ଓ କ୍ଷଣଭଙ୍ଗୁର ହୋଇଥାଏ। ପରିବେଶର ଉତ୍ତାପରୁ ଆରମ୍ଭ କରି ଇଲେକ୍ଟ୍ରୋମାଗ୍ନେଟିକ୍ କ୍ଷେତ୍ର, ଅନ୍ୟ ଅଣୁ ଆଦିର ଉପସ୍ଥିତି ଏଥିରେ ବିଭ୍ରାଟ ସୃଷ୍ଟି କରିପାରେ। ଏହାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସୁଚତୁର ଡିଜାଇନ୍ ଓ ଉପଯୁକ୍ତ ପଦାର୍ଥମାନଙ୍କର ବ୍ୟବହାର ଜରୁରି ହୋଇଥାଏ। ଏଥିପାଇଁ କ୍ରାୟୋଜେନିକ୍ ଶୀତଳୀକରଣ, ଅତି-ସୂକ୍ଷ୍ମ ନିର୍ମାଣ ଓ ଚରମ ଏକାନ୍ତୀକରଣ ଆବଶ୍ୟକ ହୋଇଥାଏ। ଏଥିଯୋଗୁଁ ଯେଉଁ ବିଶାଳ ବ୍ୟୟ, ବିଦ୍ୟୁତ୍ ଶକ୍ତି ଉପଯୋଗ ଆଦି ଆବଶ୍ୟକ ହେବ, ତାହା ମଧ୍ୟ ପରୀକ୍ଷାଗାର ବାହାରେ ଏହି ନୂତନ ପ୍ରବିଧିର ବାସ୍ତବ ପ୍ରୟୋଗର ସମ୍ଭାବନା ସମ୍ବନ୍ଧରେ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ। କିନ୍ତୁ ଅତୀତରେ ଯେ କେ ?ଣସି ନୂତନ ପ୍ରବିଧିର ଆବିର୍ଭାବ ସମ୍ବନ୍ଧରେ ଏଭଳି ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ସେଥିଯୋଗୁଁ ପ୍ରବିଧିର ଜୟଯାତ୍ରା ଅଟକି ଯାଇନାହିଁ। ଚଳିତ ବର୍ଷ ନୋବେଲ୍ ପୁରସ୍କାର ଦ୍ୱାରା ମଣ୍ଡିତ ଏଇ ନୂତନ ପ୍ରାବିଧିକ ସମ୍ଭାବନାର ଜୟଯାତ୍ରା ମଧ୍ୟ ସେଇଭଳି ଅବ୍ୟାହତ ରହିବ, ଏଥିରେ କେ ?ଣସି ସନ୍ଦେହ ନାହିଁ।

## ଭାରତ କ'ଣ କେବଳ ଏକ ବଜାର ?

ସମସ୍ତଙ୍କୁ ବୋଧହୁଏ ଜଣାନାହିଁ ଭାରତ ଆମେରିକୀୟ କମ୍ପାନୀ ଓପନଏଆଇ ର ଦ୍ୱିତୀୟ ବୃହତ୍ ବଜାରରେ ପରିଣତ ହେବାକୁ ଯାଉଛି। ଆମେରିକାର କମ୍ପାନୀ ଗୁଗୁଲ, ଫେସବୁକ, ଏକ୍ସ, ଆମାଜନ ଓ ମେଟା ଭଳି କମ୍ପାନୀ ମାନଙ୍କର ଅଧିକ ବ୍ୟବହାରକାରୀ ହେଉଛନ୍ତି ଭାରତୀୟ। ଏ ବାବଦରେ ଅନେକେ ଜାଣିନାହାଁନ୍ତି ଯେ ଚୀନର କମ୍ପାନୀ ମାନଙ୍କର ଉତ୍ପାଦ ଭାରତରେ କେତେ ପରିମାଣରେ ବିକ୍ରୀ ହେଉଛି। ୨୦୨୪-୨୫ ଆର୍ଥୀକ ବର୍ଷରେ ଚୀନ କମ୍ପାନୀ ମାନଙ୍କର ଭାରତରେ ବ୍ୟବସାୟ ଥିଲା ସାଢ଼େ ୯ଲକ୍ଷ କୋଟି ଟଙ୍କା। ଅର୍ଥାତ୍ ୧୪୨ କୋଟି ଲୋକଙ୍କ ଦେଶ ଭାରତ ଆମେରିକା, ଜାପାନ ଏବଂ ଜର୍ମାନୀରୁ ଯେତିକି ଆମଦାନୀ କରୁଛି ତାର ଏକ ଚତୁର୍ଥାଂଶ ଅର୍ଥର ଜିନିଷ ଚୀନ ସିଧାସଳଖ ଭାବେ ଭାରତର ବଜାର ହାଟ, ମଲ ମାନଙ୍କରେ ବିକ୍ରୀ କରୁଛି। ଚୀନର ନାମୀ କମ୍ପାନୀ ଯଥା ଏଁଟ ଫାଇନାନସିଆଲ, ଟେନସେଟ, ଫୋସୁନ, ଅଲିବାବା ଆଦି କମ୍ପାନୀ ମାନେ ଭାରତୀୟ କମ୍ପାନୀ (ପେଟିଏମ୍, ସ୍ୱିଗି, ଜୋମାଟୋ) ଓଲା, ବାଇଜୁ ମାନଙ୍କରେ ପୁଞ୍ଜିନିବେଶ କରି ବା ଭାରତୀୟ କମ୍ପାନୀ ମାନଙ୍କ ସହ ବ୍ୟବସାୟ କରି ଫାଇଦା (ଲାଭ) ଉଠାଇବାରେ ଲାଗିଛନ୍ତି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ କମ୍ପାନୀ ମଧ୍ୟ ଚୀନର ଫାଷ୍ଟ ଫେସନ/ ଇକମର୍ସର ଏଜେ[ ଅଟେ। ଚୀନର ଏହି କମ୍ପାନୀ ଉପରେ ଟ୍ରମ୍ପ ପ୍ରତିବନ୍ଧକ ଲଗାଇଛନ୍ତି। ଏଣୁ ସ୍ପଷ୍ଟ ଯେ ଏଆଇ ର ନୂଆ ଟେକନିକ ହେଉ ବା ପୋଷ୍ଟାଲ, କୋରିଅର ମାଧ୍ୟମରେ ବିକ୍ରୀ କରାଯାଉଥିବା ଶସ୍ତା କପଡ଼ା, ସବୁ ପ୍ରକାରର ବିକାଶ ନିର୍ମାଣ ତଥା ଔଦ୍ୟୋଗିକ- ବୃଦ୍ଧି କ୍ରାନ୍ତି ପାଇଁ ଭାରତ ଏକ ଦୁଧିଆଳି ଗାଇ ଯାହାକୁ ଦୁହିଁବାର ଅଧିକାର ବିଦେଶୀ କମ୍ପାନୀ ମାନଙ୍କ ପାଖଷର ରହିଛି ଅଥବା ଭାରତ ସରକାରଙ୍କ ପାଖରେ ରହିଛି। ଏଥିପାଇଁ ଦାୟୀ କିଏ ? ଏଥିପାଇଁ ଆମେ ଭାରତର ୧୪୨ କୋଟିରୁ ଅଧିକ ଲୋକ ହିଁ ଦାୟୀ କି ? ଆମେ ଜନସାଧାରଣ ଏଇଥିପାଇଁ ଦାୟୀ ଯେ ଆମେ କେବେ ଏପ୍ରସଙ୍ଗରେ ଚିନ୍ତାକରୁନାହେଁ। ସରକାର ମଧ୍ୟ ଏଥିପାଇଁ ଦାୟୀ, ନେତାମାନେ ଏସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ଲୋକଙ୍କୁ ଆଶ୍ରିତ, ପରାଶ୍ରିତ, ଆଳସ୍ୟ ପରାୟଣ, ଲାଳସି, ହିନ୍ଦୁ- ମୁସଲମାନ କଥାରେ ରଖି ଦେଇଛନ୍ତି। ଇତିହସରୁ ସ୍ପଷ୍ଟ ଯେ ପ୍ରାକ୍ କାଳରେ ହାଟ, ମେଳା ବ୍ୟବସ୍ଥା ଥିଲା ଓ ଲୋକେ ହାଟରୁ ଓ ମେଳାରୁ ଆବଶ୍ୟକୀୟ ଜିନିଷ ଆଣୁଥିଲେ ଓ କୃଷିଯାତ ଦ୍ରବ୍ୟ ମଧ୍ୟ ସେଠାରେ ବିକ୍ରୀ କରୁଥିଲେ। ଇଂରେଜ ମାନେ ଭାରତକୁ ଆସିବା ପୁର୍ବରୁ ଚାଷ, ପାରମ୍ପରିକ ହସ୍ତକଳା, କୁଟୀରଶିଳ୍ପ, ବର୍ଣ୍ଣବ୍ୟବସ୍ଥାରେ କାମଧନ୍ଦା ଓ ରୋଜଗାରର ସ୍ୱଶାସନ ଥିଲା। ଇଂରେଜମାନେ ଭାରତକୁ ଆସିବା ପରେ ବଜାର ବ୍ୟବସ୍ଥାକୁ ଆପଣେଇଥିଲେ। ଭାରତକୁ କପା, ମସଲା ଏବଂ ବିଭିନ୍ନ ପ୍ରକାରର କ*ାମାଲ ଆଣି ବିକ୍ରୀ କରି ଭାରତୀୟ ଲୋକଙ୍କୁ ଲୁଟିବାରେ ଲାଗିଲେ। ବ୍ରିଟେନର କାରଖାନାରେ ନିର୍ମିତ ଜିନିଷର ଗ୍ରାହାକ ପାଲଟିଗଲେ ଭାରତୀୟ ଜନସାଧାରଣ। ଭାରତୀୟ ଗରୀବ ହେବାରେ ଲାଗିଲେ କିନ୍ତୁ ଲୋକଙ୍କ କୌଶଳ ପରମ୍ପରାଗତ କୁଟୀର ଶିଳ୍ପ ତଥାପି ବ*ି ରହିଲା। କ*ାମାଲ ବିକ୍ରୀକରି ଭାରତୀୟମାନେ ଲାଭ କମାଇ ପାରୁଥିଲେ। ଭାରତର ମେଳା, ହାଟ, ବଜାରରେ ସ୍ୱଦେଶୀ ଜିନିଷ ମିଳୁଥିଲା। ଦଶହରା, ଦୀପାବଳୀ ଭଳି ଉତ୍ସବରେ ମାଟିର ଦୀପ, ଦେଶୀ-ସ୍ୱଦେଶୀ ବାଣ ବ୍ୟବହାର ଥିଲା। ଏବେ ଭାରତରେ ଚୀନରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ବାଣ ଏବଂ ଚାଇନିଜ ଲାଇଟ ବଜାରରେ ବ୍ୟାପକ ଭାବରେ ଉପଲବ୍ଧ। ସରକାର ସ୍ୱଦେଶୀ କଥା କହୁଛନ୍ତି କିନ୍ତୁ ଦେଶରେ ବ୍ୟାପକ ଭାବେ ଚୀନ ଜିନିଷର ବିକ୍ରୀ ବଢୁଛି ତାକୁ ରୋକିବା ଦିଗରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଏସବୁ କଥାର ବିଶ୍ଳେଷଣ କରାଯିବାର ଉଦ୍ଦେଶ୍ୟ ମଧ୍ୟ ରହିଛି। ସରକାର ଏବେ ଭାରତ ବିଶ୍ୱର ମହାଶକ୍ତି ହେବାକୁ ଯାଉଛି ବୋଲି କହୁଛନ୍ତି ଓ ବର୍ତ୍ତମାନ ସମୟକୁ ଅମୃତକାଳ, ସ୍ୱର୍ଣ୍ଣିମ ସମୟ ବୋଲି କହୁଛନ୍ତି। ଭାରତ ବିଶ୍ୱର ଅନ୍ୟ ଦେଶର ପ୍ରମୁଖ ବଜାରରେ ପରିଣତ ହେବା କ'ଣ ସୁବର୍ଣ୍ଣକାଳ ? ଆଶ୍ରିତ- ପରାଶ୍ରିତ ହେବା କ'ଣ ଅମୃତକାଳ ? କ'ଣ ଏହାହିଁ ହିନ୍ଦୁ ଆଇଡିଆ ଅଫ ଇଣ୍ଡିଆ ଥିଲା ? ହିନ୍ଦୁତ୍ୱ ଓ ହିନ୍ଦୁରାଷ୍ଟ୍ର କଥା କହୁଥିବା ଲୋକଙ୍କର କ'ଣ ଏହାହିଁ ଇଚ୍ଛା ? କ'ଣ ଏହାହିଁ ରାଜନୈତିକ ଆର୍ଥୀକ ସ୍ୱାଧୀନତା, ନିଡ଼ରତା, ନିର୍ଭୟତା ଓ ସ୍ୱାଭିମାନ ଅଥବା ପୁରୁଷାର୍ଥ ଅଟେ ? ଆତ୍ମନିର୍ଭରତା, ସ୍ୱଦେଶୀପଣ ଏବେ ଖାଲି କଥାରେ କଥାରେ ରହିଛି। ପ୍ରକୃତ ପକ୍ଷେ ମିଥ୍ୟା, ଅନ୍ଧବିଶ୍ୱାସ, ଅହଂକାର, ଛନ୍ଦ କପଟର ଅପସଂସ୍କୃତି ଏବେ ଜୋରଦାର ଚାଲିଛି ଯାହା କଳ୍ପନା ବି କରିହେବନି। ସବୁ କିଛି ବଜାରରେ ପରିବର୍ତ୍ତନ ହୋଇଯାଇଛି। ରାଜନୀତି ମଧ୍ୟ ବଜାରର ଧନ୍ଦା ପାଲଟିଯାଇଛି ଓ ସଭ୍ୟତାସଂସ୍କୃତି, ରାଷ୍ଟ୍ରବାଦ, ଚଳଣି-ଚେହେରା-ଚରିତ୍ର ସବୁ ଫାଇଦା, ଲାଭ ଏବଂ ସ୍ୱାର୍ଥର ପ୍ରଭାବରେ ପ୍ରଭାବିତ। ଏଭଳି ସବୁ କୌଣସି ଦେଶରେ ଦେଖିବାକୁ ମିଳିବ ନାହିଁ। ସବୁ ଦେଶ ସବୁ ଜାତି ପରିଶ୍ରମ, ଉଦ୍ୟମଶୀଳତା, ଇମାନଦାରୀ, ସାହାସ, ପୁରୁଷାର୍ଥ, ନିଡ଼ରତା ବା ସେଇ ସଂସ୍କାର, ସେଇ ବିଚାର ଓ ଚିନ୍ତା କୁ ନେଇ ଆଗକୁ ବଢ଼ିବାରେ ଲାଗିଛନ୍ତି। ପ୍ରଥମେ ନିର୍ମାଣ ପରେ ଧନ୍ଦା। କିନ୍ତୁ ଭାରତରେ ଅର୍ଥବ୍ୟବସ୍ଥା କଥା ଛାଡ଼ ରାଜନୀତି, ରାଷ୍ଟ୍ରବାଦ, କୂଟନୀତି, ସମାଜ, ଧର୍ମକୁ ମଧ୍ୟ ଧନ୍ଦାରେ ପରିଣତ କରାଯାଇଛି। ଜଣାନାହିଁ ବିଜେପି ସରକାରର ନେତାମାନେ ଏପରିକି ମୋହନ ଭାଗବତ ସାବରକର, ଗୋଲବାଲେକର ଙ୍କ ରାଷ୍ଟ୍ରବାଦ ପଢ଼ିଛନ୍ତି କି ନାହିଁ ? ଯଦି ପଢ଼ିଥାନ୍ତେ ଏ ବାବଦରେ ଚିନ୍ତନ ମନ୍ଥନ ନିଶ୍ଚୟ କରନ୍ତେ। ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ରାମରାଜ୍ୟ ଏବଂ ଭାରତମାତାଙ୍କ ବିଚାର କଥା କୁଆଡ଼େ ଗଲା ? ଏ ଦେଶର ହିନ୍ଦୁମାନେ କ'ଣ ମର୍ଯ୍ୟଦାର ରାମରାଜ୍ୟ ଚାହାଁନ୍ତି ନା ରାବଣର ଲୋଭି, ସ୍ୱାର୍ଥୀ, ଅହଂକାରୀ ଶାସନ ଚାହାଁନ୍ତି ? ଅତିବାଦ, ଉପଭୋକ୍ତାବାଦ, ବଜାରବାଦ, ଧନ୍ଦାବାଦ କ'ଣ ରାମରାଜ୍ୟ କି ? ଯଦି ଆଜିର ସତ୍ୟତା ଆମର ପ୍ରାରବ୍ଧ ତେବେ ସ୍ୱଦେଶୀ, ଆତ୍ମନିର୍ଭରତା, ଆତ୍ମାନୁଶାସନ, ନୈତିକତା, ଚଳଣି-ଚେହେରା-ଚରିତ୍ର ଏବଂ ସତ୍ୟମେବ ଜୟତେ ଭଳି କଥା ଆମେ କହୁଛେ କାହିଁକି ? ବଜାରର ମଧ୍ୟ ସାଧୁତା- ଧର୍ମ ମଧ୍ୟ ରହିଛି ଯଦି ବଜାର ସ୍ୱନିର୍ମିତ। ଇଂରେଜ ମାନେ ଭାରତ ଆସିଥିଲେ ଓ ତାଙ୍କ ବେପାର କଲେ କିନ୍ତୁ ଭାରତୀୟ ମାନେ କେବେ ଆଶ୍ରିତ, କାମ କରିବା ପାଇଁ ଅନାଗ୍ରହ କିମ୍ବା ସମୟ ଗଡ଼ାଇବା (ଟାଇଡ଼୍‌ପାସ୍) କରିବାର ମାନସିକତା ଦେଖାଇ ନଥିଲେ। ନେହେରୁ ଏବଂ କଂଗ୍ରେସ ସମାଜବାଦ କଥା କହୁଥିଲେ। ଖାଦ୍ୟ ସଙ୍କଟ ବେଳେ ରାସନ ସାମଗ୍ରୀର ବ୍ୟସ୍ଥା କରିଥିଲେ ତାସହିତ ଦେଶରେ କଳକାରଖାନା ମଧ୍ୟ ସ୍ଥାପନ କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ବାହାମ ଗ୍ରାମରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ



ସମ୍ବଲପୁର,୧୪/୧୦(ନି/ପ୍ର):ସୁସ୍ଥ ଜୀବନ ଶୈଳୀ ସୁସ୍ଥ ଜୀବନର ଆଧାର। ତେଣୁ ଶୈଶବ ଅବସ୍ଥାରୁ ହିଁ ସୁସ୍ଥ ଜୀବନ ଧାରଣ ପାଇଁ ସ୍ୱଚ୍ଛତା ଓ ସୁଷମ ଖାଦ୍ୟ ପ୍ରତି ଯତ୍ନଶୀଳ ରହିଲେ ସମୃଦ୍ଧ ପରିବାର ଗଠନରେ ନିଜର ଏକ ବଡ ଭୂମିକା ନିର୍ବାହ କରିପାରିବା ବୋଲି ବାହାମ ଠାରେ ଆୟୋଜିତ ଜୁଯୋମୁରା ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ସୋମବାର ଅପରାହ୍ନରେ ବାହାମ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିସରରେ ଆୟୋଜିତ ହୋଇଥିବା ଏଥିରେ ବାହାମ ସରପଂଚ ସରସ୍ୱତୀ ଭୁସାଗର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜୁଯୋମୁରା ବ୍ଲକ ସିଡିପିଓ ମିନତୀ ଦାସ, ବାହାମ ଆଦିବାସୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଲକ୍ଷ୍ମୀ ଭୋଇ, ସୁପରଭାଇଜର ରେଣୁବାଳା ପ୍ରଧାନ, ସୁଷମା କୁମୁରା, ବରିଷ୍ଠ ଡାକ୍ତର ତଥା ତାଲିମଦାତା ଡା. ରାଜାରାମ ଷଡ଼ଙ୍ଗୀ, ପତଙ୍ଗର ପୋଗ୍ରାମ ମେନେଜର ରତନ ମାଛୋ ପ୍ରମୁଖ ଯୋଗଦେଇ ରକ୍ତହୀନତା, ଅପପୁଷ୍ଟି, ସ୍ୱଚ୍ଛତା ପ୍ରଭୃତି ଦିଗରେ ଆଲୋଚନା କରି ସୁଷମ ପୋଷଣ ହିଁ ସୁସ୍ଥ ଓ ସ୍ୱାସ୍ଥ୍ୟବାନ ଜୀବନ ଧାରଣ ପାଇଁ ନୀରୋଗ ରାସ୍ତା ବୋଲି ଅଭିହିତ କରିଥିଲେ। ସେମାନେ କହିଥିଲେ ପୋଷଣ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଓ ଜୀବନ ଧାରଣ ପାଇଁ ବାର୍ତ୍ତା ର ସଦୁପଯୋଗ ହେଲେ ମାତୃ, ଶିଶୁ ମଙ୍ଗଳ ଦ୍ୱାରା ଦେଶ ବିକଶିତ ହୋଇପାରିବ।ଏହାକୁ ପତଙ୍ଗର ମାମୁନି ନାଏକ ସଂଯୋଜନା କରିଥିଲେ। ଏହି ଅବସରରେ ସୁଷମ ଓ ଘର ତିଆରି ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବା ସହିତ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବ୍ଲକ ଅନୁଷ୍ଠିତ ସ୍ତରୀୟ ସାଧାରଣ ଜ୍ଞାନ, ବକ୍ତୃତା, ଗୀତ ପ୍ରଭୃତି କୃତି ପ୍ରତିଯୋଗୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ଏହାକୁ ବ୍ଲକ ପୋଷଣ ସଂଯୋଜକ ଜୀବନ ଜ୍ୟୋତି ପ୍ରଧାନ ଓ ସ୍ଥାନୀୟ ସମସ୍ତ ଅଙ୍ଗନୱାଡି କର୍ମୀ ମାନେ ପରିଚାଳନା କରିଥିଲେ। ଏଭଳି ମେଳା ସୁସ୍ଥ ଜୀବନ ଧାରଣ ପାଇଁ ଏକ ସଚେତନାତ୍ମକ ଦିଗ ବୋଲି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା।

# ଭାରତୀ କଳାବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ବାଦୀପାଲା ଉଦ୍‌ଯାପିତ



ସମ୍ବଲପୁର,୧୪/୧୦(ନି/ପ୍ର): ଭାରତୀ କଳା ବିକାଶ କେନ୍ଦ୍ର ବୁର୍ଲା ଦ୍ୱାରା ଆୟୋଜିତ ତ୍ରିଦିବାସିୟ ବାଦୀପାଲା ଉଦଯାପିତ ହୋଇଛି ଓ ଏହି ଉତ୍ସବ କାର୍ଯ୍ୟକ୍ରମର ଆରମ୍ଭ ପୂର୍ବରୁ ମଙ୍ଚ ଉଦ୍ଘାଟନ ପାଲା ଦଳ ଦ୍ୱାରା ହୋଇଥିଲା। କାର୍ଯ୍ୟକ୍ରମ କୁ ସଂଗଠନ ସମ୍ପାଦକ ପ୍ରମୋଦ ଦାଶ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ରଶ୍ମି ରଞ୍ଜନ ଶତପଥୀ, ସତ୍ୟବ୍ରତ ସାହୁ, ନମ୍ରଶକାନ୍ତ ପଟ୍ଟନାୟକ, ଫଗୁନ ସେଠ ଆଦି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ପଟ୍ଟନାୟକ, କୈଳାଶ ମିଶ୍ର, ପ୍ରଭୁଦତ ପୁରୋହିତ, ସୁନୀଲ କୁମାର ତୁଲି, ଚିନ୍ମ ରଞ୍ଜନ ନାୟକ, ଅଶ୍ୱିନୀ ଆଚାର୍ଯ୍ୟ, ସିଦ୍ଧାର୍ଥ ପଣ୍ଡା, ନୀଳମଣି ସାହୁ, ରଜନୀକାନ୍ତ ଚିନ୍ନାରା, ସୁକାନ୍ତ ଦୀପ,ରାଖୀ ଦୀପ, ପୂଜା ପାରାମିତା ସାହୁ, ପଦ୍ମିନୀ ପଧାନ, ବିଷ୍ଣୁ ତାଣ୍ଡି, ଓ ଜିତେନ୍ଦ୍ରିୟ ପୃଷ୍ଟି, ଆଦି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସମୀକ୍ଷା କରିଥିଲେ ଡ଼. ଶ୍ୟାମସୁନ୍ଦର ଧର, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡ଼. ଶୁକମୁନି ମେହେର ଓ ଶିକ୍ଷକ ରାମକୃଷ୍ଣ ରଥ। ପରିଶେଷରେ ମୁଖ୍ୟ ଅତିଥି ଇଂ. ସୁଧୀର କୁମାର ସାହୁ, କେନ୍ଦ୍ର ସମ୍ପାଦକ ନିରଞ୍ଜନ ପଟ୍ଟନାୟକ, ଉପ ସଭାପତି ଲକ୍ଷ୍ମୀଧର ମହାନ୍ତି,ମାର୍ଗଦର୍ଶକ ଶ୍ରୀଯୁକ୍ତ ହେମନ୍ତ କୁମାର ମହାପାତ୍ର, ଶ୍ରୀଯୁକ୍ତ ରଂଜିତ କୁମାର ପଟନାୟକ, ସମୀକ୍ଷକ ଓ ଉଭୟ ପାଲା ଦଳର ସମସ୍ତ ପାଲାକାର ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଜାଗ ରେଳବାଇ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧୪/୧୦(ନି/ପ୍ର): ସମ୍ବଲପୁର ମଣ୍ଡଳର ବରିଷ୍ଠ ମାଲବାହୀ ଟ୍ରେନ୍ ପ୍ରବନ୍ଧକ ପଙ୍କଜ କୁମାରଙ୍କୁ ନିରାପତା ଓ ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତା ଓ ନିୟମ ଉପରେ ସଠିକ୍ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ତାଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ତାଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି ଓ ଏହି ଅବସରରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ନିରାପତା ଓ ଅଧିକାରୀ ସମ୍ପିତ ସୌରଭ ନାୟକ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

# ରେଙ୍ଗାଲି ବ୍ଲକଠାରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,୧୪/୧୦(ନି/ପ୍ର): ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଓ ଏହି ଅଭିଯୋଗ ଶୁଣାଣି ଠାରେ ମୋଟ ୫୬ ଟି ଆବେଦନ ଗ୍ରହଣ କରାଯାଇଥିଲା ଓ ଯେଉଁଥିରୁ ୩୪ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୭ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା। ୦୮ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା। ସି.ଏମ. ଆର. ଏଫ ଅଧୀନ ରେ ୦୩ ଜଣଙ୍କୁ ସମୁଦାୟ ୭୫, ୦୦୦ ଟଙ୍କା ଏବଂ ରେଡକ୍ରସ ଅଧୀନରେ ସହାୟତା ୦୨ ଜଣଙ୍କୁ ସମୁଦାୟ ୧୪, ୦୦୦ ଟଙ୍କା ପ୍ରଦାନ କରାଗଲା । ଜନଶୁଣାଣି ପରେ



ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ରେଙ୍ଗାଲି ର ଆର.ସି ନଗର କୀର୍ତନ ମଣ୍ଡପ ର ନିର୍ମାଣ କାମ, ପୁଷ୍ପାଞ୍ଜଳି ମେହେର ସିଂହବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ରଜନୀ ମେହେରଙ୍କ ସ୍ୱରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ର ହସ୍ତତନ୍ତ କାମ, ଲାଇକାନି ବନ୍ଧ ର ଅମୃତ ସରୋବର ଓ ଗୋଲାମାଲ ଠାରେ ସ୍ଥିତ ସମଲେଇ ମନ୍ଦିର ମରାମତି ଓ ପୁନଃନିର୍ମାଣ କାମ, ଅର୍ଜୁନ ରୋହିଦାସ ଙ୍କ ସମନ୍ୱୟ ଚାଷ, ସାବିତ୍ରୀ ମହିଳା ଓ ସୁକୁର୍ତା ବଗର୍ନୀ ସ୍ୱୟଂ ସହାୟତା ଗୋଷ୍ଠୀଙ୍କ ବାୟୋଫ୍ଲକ ପ୍ରକଳ୍ପ, ଝାଙ୍କରପାଲି ସ୍ଥିତ ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ର ପ୍ରୋସେସିଂ ମିଲ, ଝାଙ୍କରପାଲି ମାର୍କେଟ କମପ୍ଲେକ୍ସ ପରିଦର୍ଶନ କରି ଅନେକ ବିକାଶମୂଳକ ପ୍ରକଳ୍ପ ର ସମୀକ୍ଷା କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାନଙ୍କ ସହିତ ସାକ୍ଷାତ କରି ଆହୁରି କାମକୁ ଆଗକୁ ବଢାଇବା ପାଇଁ ଉତ୍ସାହିତ କରିଥିଲେ ।

# ଇନ୍‌ଟେନ୍ସିଫାଇଡ଼ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ କାର୍ଯ୍ୟକ୍ରମ ନେଇ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

ସମ୍ବଲପୁର, ୧୪/୧୦(ନି/ପ୍ର): ଇନ୍‌ଟେନ୍ସିଫାଇଡ଼ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ କାର୍ଯ୍ୟକ୍ରମକୁ ନେଇ ଆୟୋଜିତ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ, ସ୍ୱାସ୍ଥ୍ୟକର୍ମୀ, ଅଭିଭାବକ ସମସ୍ତଙ୍କ ସୁରକ୍ଷାକୁ ନିଶ୍ଚିତ କରି ଟୀକାକରଣ ସେବା ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।ସୂଚନା ଅନୁଯାୟୀ ଚଳିତ ବର୍ଷ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆସନ୍ତା ୧୨ ଅକ୍ଟୋବର ୨୦୨୫ ରେ ଆୟୋଜିତ ହେବ। ୧୨ ଅକ୍ଟୋବର ୨୦୨୫ ରେ ବିଭିନ୍ନ ବୁଥ ରେ ଏବଂ ୧୩ ଅକ୍ଟୋବର ୨୦୨୫ ଏବଂ ୧୪ ଅକ୍ଟୋବର ୨୦୨୫ ଠାରେ ଘରକୁ ଘର ବୁଲି ଟୀକାକରଣ କରାଯିବ। ଅଙ୍ଗନବାଡ଼ି କର୍ମୀ ଓ କର୍ମକର୍ତାଙ୍କୁ ଏହି କାର୍ଯ୍ୟ ପାଇଁ ନିୟୋଜିତ କରାଯିବ। ସମସ୍ତ ବିଭାଗର ଅଧିକାରୀଙ୍କୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଦିଆଯାଇଥିବା କାର୍ଯ୍ୟକୁ ସୂଚାରୁ ରୂପେ ତୁଲାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା।

# ବେଲପାହାଡ଼ରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ



ବ୍ରଜରାଜନଗର,୧୪/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରାଂଚଳରେ ପ୍ରଶାସନ ଆଜି ବେଲପାହାଡ଼ ଫାଟକ ଠାରୁ ସତସଂଘ ବିହାର ପର୍ଯ୍ୟନ୍ତ ହୋଇଥିବା ଜବର ଦଖଲ ଆରମ୍ଭ କରିଛି। ପୌର ପରିଷଦ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଏହି ପ୍ରକ୍ରିୟାରେ ଅସ୍ଥାୟୀ ଉଠା ଦୋକାନଗୁଡ଼ିକୁ ପ୍ରଶାସନର ଉପସ୍ଥିତିରେ ଭଙ୍ଗା ଯାଉଛି। ଉଚ୍ଛେଦ ପ୍ରକ୍ରିୟାରେ ୨୦ଟି ଦୋକାନ ଭାଙ୍ଗିବାର ନିଷ୍ପତ୍ତି ନିଆଯାଇଛି। ପୌର ପରିଷଦ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଏହି ପ୍ରକ୍ରିୟାରେ ଅସ୍ଥାୟୀ ଉଠା ଦୋକାନଗୁଡ଼ିକୁ ପ୍ରଶାସନର ଉପସ୍ଥିତିରେ ଭଙ୍ଗା ଯାଉଛି। ଉଚ୍ଛେଦ ପ୍ରକ୍ରିୟାରେ ୨୦ଟି ଦୋକାନ ଭାଙ୍ଗିବାର ନିଷ୍ପତି ନିଆଯାଇଛି। ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ଗୌର ପ୍ରଧାନ, ବ୍ରଜରାଜନଗର ଏ ସ୍ ଡି ପି ଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଆଇ ଏଇ ସି କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ରହିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ଗୌର ପ୍ରଧାନ, ବ୍ରଜରାଜନଗର ଏ ସ୍ ଡି ପି ଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଆଇ ଏଇ ସି କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ରହିଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ବନ୍ଧବାହାଲ ଅତିରିକ୍ତ ତହସିଲଦାର ସନ୍ତୋଷ ନାୟକ ମଧ୍ୟ ରହିଛନ୍ତି। ଆଜିର ଏହି ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ଦେଖି ଅନେକଙ୍କ ଭିତରେ ଭୟର ବାତାବରଣ ଦେଖାଦେଇଛି।

# ଶାରଦୀୟ ଉତ୍ସବରେ ବେଲୁନ ବିକାଳୀ ହତ୍ୟା ମାମଲା

## ଉପଖଣ୍ଡ ପୋଲିସ ତଦନ୍ତ ହେଲାକି ବାଟବଣା, ଅନ୍ୟ ୩ ସଂପୃକ୍ତ ଗଲେ କୁଆଡ଼େ ?

ସମ୍ବଲପୁର,୧୪/୧୦(ନି/ପ୍ର) : ଶାରଦୀୟ ପୂଜା ମାହୋଲରେ କିଛି ବେଲୁନ ବିକ୍ରି କରି ଦୁଇ ପଇସା ରୋଜଗାର ଆଶାରେ ସ୍ଥାନ ଅଭାବରୁ ରାମଲାଲ ଅଗ୍ରୱାଲଙ୍କ ଦୋକାନ ସାମ୍ନାରେ ଗୁଡୁ ରଜତ ନାମକ ବ୍ୟକ୍ତି ବେଲୁନ ବିକ୍ରି କରୁଥିଲା। ମାତ୍ର ରାମଲାଲଙ୍କ ବେପାରରେ ବାଧା ହେବା ଦର୍ଶାଇ ସେଠାରୁ ବାହାରି ଯିବା ପାଇଁ ତାଗିଦ୍ କରିଥିଲେ। ମାତ୍ର ପରବର୍ତୀ ସମୟରେ ଦୋକାନ ସାମ୍ନାରେ ବେଲୁନ ବିକ୍ରିକୁ ନେଇ ତିକ୍ତତାର ଚରମ ସୀମାରେ ଗୁଡୁକୁ ମରଣାନ୍ତକ ଆକ୍ରମଣ ଓ ଶେଷରେ ହତ୍ୟାଭଳି ଅପରାଧ ଚଳିତ ଶାରଦୀୟ ପୂଜା ମାହୋଲକୁ ଅପନିନ୍ଦିତ କରାଇଥିଲା। ଗୁଡୁ ହତ୍ୟାକାଣ୍ଡକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨୭୯/୨୫ ଏକ ମାମଲା ରୁଜୁ କରି ତଦନ୍ତରେ ସୀମିତ ରହିଥିଲା। ପରବର୍ତୀ ସମୟରେ ଏହାକୁ ନେଇ ବିଭିନ୍ନ ମହଲରୁ ଚାପ ପଡିବା ପରେ ଘଟଣାର ୫ ଦିନ ପରେ କୁଚିଣ୍ଡା ଥାନା ପୋଲିସ କୁଚିଣ୍ଡା ଏନ୍‌ଏସିର ୬ ନମ୍ବର ୱାର୍ଡର ୪୭ ବର୍ଷିୟ ରାମଲାଲ ଅଗ୍ରୱାଲ ଓ କୁଚିଣ୍ଡା ପଂଚମୁଖୀ ଛକର ୪୫ ବର୍ଷିୟ ପଙ୍କଜ ଅଗ୍ରୱାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଇତି ମଧ୍ୟରେ ଘଟଣାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନଥିବାରୁ ଉପଖଣ୍ଡ ପୋଲିସ ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ଦିନ ମୋଟ ୫ଜଣ ବାବା, କାକା ଓ ପୁଅ ପୁତୁରା ସଂଘବଦ୍ଧ ଭାବେ ଗୁଡୁକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏବେ ଏହି ହତ୍ୟା ମାମଲାକୁ ନେଇ ଚର୍ଚ୍ଚା ଧରିଛି ଯେ' ପୋଲିସର ଗିରଫଦାରିକୁ ଏଡାଇବା ପାଇଁ ସଂପୃକ୍ତ ତିନି ଅଭିଯୁକ୍ତ ବାହାର ରାଜ୍ୟର ଆତ୍ମୀୟଙ୍କ ଘରେ ଆତ୍ମଗୋପନ କରିଛନ୍ତି। ସମ୍ବଲପୁର ଜିଲ୍ଲା ଜମନନକିରା ବ୍ଲକ୍ ଗୁଣ୍ଡୁରୁ ଚୂଆଁ ପଂଚାୟତ ବନ୍ଧପାଲି ଗ୍ରାମର ଗୁଡୁ ରଜତ ବେଲୁନ୍ ବିକାଳୀକୁ ସାର୍ବଜନୀନ ଦଶହରାରେ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସମୟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶିଘ୍ର ଗିରଫ କରାଯିବାର ଦୃଢୋକ୍ତି ପ୍ରକାଶ କରିଥିଲେ ମଧ୍ୟ ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସର ହାତ ଖାଲି ଥିବା ଦେଖାଯାଇଛି। ତେବେ ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାର ଫେରାର ଅନ୍ୟ ତିନି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କେବେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବ ତାକୁ ହିଁ ଦେଖିବାକୁ ଅପେକ୍ଷା।

# ଡିସେମ୍ବର ୨୪ରୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା, ଚୟନ ହେବେ ନୂଆ କଳାକାର

ବରଗଡ଼,୧୪/୧୦(ନି/ପ୍ର): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ ତାରିଖରୁ ଜାନୁଆରି ୩ ତାରିଖ ଯାଏଁ ଅନୁଷ୍ଠିତ ହେବ ବୋଲି ମହୋତ୍ସବ ସମିତି ପକ୍ଷରୁ କୁହାଯାଇଛି। ଏଥିପାଇଁ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଥିଲା। ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ, ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ସମିତିର ବିଭିନ୍ନ କମିଟିର କର୍ମକର୍ତାମାନେ ଯୋଗଦେଇଥିଲେ। ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଥିଲା। ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସମିତିର ବିଭିନ୍ନ କମିଟିର କର୍ମକର୍ତାମାନେ ଯୋଗଦେଇଥିଲେ। ସମିତିର ସଂପାଦକ ସୁରେଶ୍ୱର ଶତପଥିଙ୍କ ସଂଯୋଜନାରେ ବୈଠକରେ କଳାକାର ଚୟନ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ୩ ବର୍ଷରେ ଥରେ କଳାକାର ଚୟନ ପ୍ରକ୍ରିୟା ହୁଏ। ଏଥିପାଇଁ ଏଥର କଳାକାର ଉପଦେଷ୍ଟା କମିଟିକୁ ଚୟନ ଦାୟିତ୍ୱ ଦିଆଯାଇଛି। ୫ ଜଣିଆ ଜୁରି କମିଟି ଗଠନ କରାଯାଇ ମହାରାଜ କଂସଙ୍କଠାରୁ ନେଇ ସମସ୍ତ କଳାକାରମାନଙ୍କୁ ଚୟନ କରିବା ପାଇଁ ନିଷ୍ପତ୍ତି କରାଯାଇଛି। ସେହିପରି ଧନୁଯାତ୍ରାକୁ ଆକର୍ଷଣୀୟ କିପରି ଅଧିକ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହାସହ ଭିଡକୁ ଦୃଷ୍ଟିରେ ରଖି ସବୁ ପ୍ରକାର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ବିଗତ ବର୍ଷର କିଛି ଭୁଲତ୍ରୁଟିକୁ ମଧ୍ୟ ସୁଧାର ଆଣିବା ଦିଗରେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଧାୟକ ଶ୍ରୀ ଷଡଙ୍ଗୀ ଧନୁଯାତ୍ରାକୁ ସଫଳ କରିବା ଦିଗରେ ଯାହା ପଦକ୍ଷେପ ନେବା କଥା ନିଆଯାଉ ଓ ସେ ସବୁ ପ୍ରକାର ସହାୟତା ଦେବେ ବୋଲି କହିଥିଲେ। ଅତାବିରା ବିଧାୟକ ଶ୍ରୀ ମହାନନ୍ଦ ଓ ପଦ୍ମପୁର ବିଧାୟିକା ଶ୍ରୀମତୀ ବରିହା ଆଇନଶୃଙ୍ଖଳା ତଥା ଯାତ୍ରା ଦେଖିବାକୁ ଆସୁଥିବା ଲୋକଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ଏସପିଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ଏସବୁ ଭିତରେ ଧନୁଯାତ୍ରା କିଭଳି ବିଶ୍ୱ ଦରବାରରେ ପ୍ରଶଂସିତ ହେବ ସେ ଦିଗରେ ସବୁପ୍ରକାର ପଦକ୍ଷେପ ଚଳିତ ବର୍ଷ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ମହୋତ୍ସବ ସମିତିର କର୍ମକର୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବନ୍ତରେ ଜନ ଅଭିଯୋଗ ଶୁଣାଣି ଶିବିର

ଭଦ୍ରକ,୧୪/୧୦(ନି/ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲାପାଳ ଦୀଲିପ କୁମାର ରାଉତରାୟ ଯୋଗ ଦେଇ ୮୫ ଅଭିଯୋଗର ଶୁଣାଣୀ କରିଥିଲେ । ସେଥି ମଧ୍ୟରେ ସରକାରୀ ସହାୟତା ୧୨, ଭତା ୬, ରାସନ କାର୍ଡ ୬, ଆର.ଓ.ଆର ସଂଶୋଧନ ୫, ଧାନ ପ୍ରକ୍ରିୟାକରଣ ୪, ରାସ୍ତା ମରାମତି ୪, ପ୍ରଧାନମନ୍ତ୍ରୀ ଆବାସ ୩, ଜବର ଦଖଲ ଉଚ୍ଛେଦ ୩, ଜମିଜମା ୩, ଭୂମିହୀନଙ୍କୁ ପଟ୍ଟା ୩, ଅଙ୍ଗନୱାଡି ୨ ଆଦିର ଅଭିଯୋଗଥିଲା । ସେହିପରି ନାମଜାରୀ, ଥାନା, ପୂର୍ତ ବିଭାଗ କାର୍ଯ୍ୟରେ ଦୁର୍ନୀତି, ଜଳ ନିଷ୍କାସନ, ଲେବର କାର୍ଡ ଷ୍ଟାଇପେଣ୍ଡ, ଶିକ୍ଷକ ନିଯୁକ୍ତି, ସ୍ପିଡି ବ୍ରେକର ନିର୍ମାଣ, ପିଏମ୍ କିଶାନ ଓ ସିଏମ କିଶାନ, ବିଦ୍ୟୁତ୍, ବିକ୍ରିକବଲା ବାତିଲ, ବସୁନ୍ଧରା ଯୋଜନା, ରାସନ ଚାଉଳ, ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ରାସ୍ତା ଓ ଚାଷ ଜମିରୁ ଜବର ଦଖଲ ଉଚ୍ଛେଦ, ସିନ୍ଧୁକେଶ୍ୱର ମହାଦେବ ମନ୍ଦିରର ପୁନରୁଦ୍ଧାର, କେନାଲ ପାଣି, ଉଠା ଜଳ ସେଚନ, ପ୍ରଧାନମନ୍ତ୍ରୀ ଆବାସ ବୋନସ ଅର୍ଥ, ଶ୍ରବଣ ଯନ୍ତ୍ର ପ୍ରଦାନ ଆଦି ଅଭିଯୋଗ ରହିଥିଲା। ସେହିପରି ଗତ ୨୪-୩-୨୦୨୫ ଅଭିଯୋଗ ଶୁଣାଣିରେ ହୋଇଥିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ନେଇ ଷେଣ୍ଢତୀରା ପଚାଂୟତ ଆଳମଙ୍ଗା ଗ୍ରାମର ରମେଶ ଜେନା ଅଭିଯୋଗ କରିଥିଲେ । ବସନ୍ତିଆ ସମବାୟ ସମିତିରେ ତାଲା ପକା ଯିବା ସମ୍ବନ୍ଧରେ ସମିତିର ସଭାପତି ବସନ୍ତ କୁମାର ବେହେରା ଓ ଅନ୍ୟ ମାନେ ଅଭିଯୋଗ କରିଥିଲେ । ଚାଇଁପୁର ସମବାୟ ସମିତିରେ ସମ୍ପାଦକ ଓ ସହ-ସମ୍ପାଦକ ନିଯୁକ୍ତି କରିବା ନେଇ ସମିତିର ସଭାପତି ଅଜୟ କୁମାର ନାୟକ ଅଭିଯୋଗ କରିଥିଲେ । ବସନ୍ତିଆ ସମବାୟ ସମିତି ବିରୁଦ୍ଧରେ ସୁଶୀଲ କୁମାର ମୈକାପଙ୍କ ସମେତ ଅନ୍ୟ ମାନେ ଅଭିଯୋଗ କରିଥିଲେ । ତୋଡଗାଁ ପିଇଓଙ୍କ ବିରୁଦ୍ଧରେ ରଜନୀ ଶିଅଳ ଅଭିଯୋଗ କରିଥିଲେ । ସମବାୟ ସମିତି ସମ୍ପାଦକଙ୍କ ବିରୁଦ୍ଧରେ ତରାଗୋ ଗ୍ରାମର ନିରଞ୍ଜନ ଖଟୁଆ ଅଭିଯୋଗ କରିଥିଲେ । ଏହି ଶିବିରରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଅରୁପ ଅଭିଷେକ ବେହେରା, ଏଡିଏମ(ରେଭିନ୍ୟୁ) ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଡେପୁଟି କଲେକ୍ଟର(ଜି.ଏମ) ଜ୍ଞାନ ରଞ୍ଜନ ସାହୁ, ବିଡିଓ ସୀତାକାନ୍ତ ରାଉତ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ତହସିଲଦାର ସାରା ହେମ୍ବ୍ରମ, ଡିଏସଏସଓ ସୁବାଷ ଚନ୍ଦ୍ର ନାୟକ, ଡିଏସଡବ୍ଲ୍ୟୁଓ, ସିଏସଓ ମନ ମୋହନ ପଟ୍ଟନାୟକ, ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ପୂର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପରମାନନ୍ଦ ବେହେରା, ଆର.ଡବ୍ଲ୍ୟୁ-୧ ଅଧିକ୍ଷଣ ଯନ୍ତ୍ରୀ ଗଣେଶ ହେମ୍ବ୍ରମ୍, ଡ୍ରେନେଜ୍ ଅଧିକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ଟିପିଏନଓଡିଏଲ ଏସଡିଓ ଦୀପ୍ତି ରଞ୍ଜନ ବିଶ୍ୱାଳ, ସିଡିଭିଓ ହୃଷିକେଶ ବେହେରା, ଆରଡବ୍ଲ୍ୟୁଏସଏସ ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ୍ ଅଧିକ୍ଷଣ ଯନ୍ତ୍ରୀ, ଜିଲା ମୃତିକା ସଂରକ୍ଷଣ ଅଧିକାରୀ, ଜିପିଡିଓ ସୁଚୀସ୍ମିତା ବାରିକ, ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।




# ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାବେଶ




ରାଉରକେଲା,୧୪/୧୦(ନି/ପ୍ର): ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାବେଶ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଛେଣ୍ଡ ଗୋପବନ୍ଧୁ ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ କାଶୀନାଥ ନନ୍ଦୀଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଗାଳ୍ପିକ ସଞ୍ଜୀବ ଭୋଇ ବିଶ୍ୱ ଜୀବନରେ ଜଗନ୍ନାଥ ଙ୍କ ମାନବୀୟ ଲୀଳା ସମ୍ପର୍କରେ ମାର୍ମିକ ଆଲୋଚନା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଶ୍ରୀଜଗନ୍ନାଥ ଏକମାତ୍ର ଠାକୁର ଯାହାର ବିଗ୍ରହ କାଠରେ ତିଆରି,ତାଙ୍କ ଫୁଲମାଳରେ ଗଣ୍ଠି ପଡ଼େନାହିଁ, ଭାଇଭଉଣୀଙ୍କ ସହ ପୂଜା ପାଆନ୍ତି ଓ ସବୁବେଳେ ହସୁଥାନ୍ତି, ଭକ୍ତ କୁ ଦେଖିବାକୁ ରାସ୍ତାକୁ ଓହ୍ଲାଇ ଆସନ୍ତି, ତାଙ୍କର ଦୈନନ୍ଦିନ ଜୀବନୀ ଶବର ସଂସ୍କୃତିରୁ ଆସିଛି। ଏହା ସହ ବିଭିନ୍ନ ଭକ୍ତ, ବିଭିନ୍ନ ବେଶ, ମହାପ୍ରସାଦ, ତାଙ୍କ ସହ ମଣିଷର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୁଷ୍ପାଞ୍ଜଳି ପଟେଲ କ୍ଷୁଦ୍ରଗଳ୍ପ ପାଠ କରିଥିଲାବେଳେ କବି ବିଜୟ ରାୟ, ବ୍ରଜେନ୍ଦ୍ର ଦାଶ, ପରେଶ ବିଶ୍ୱାଳ, ମୀନକେତନ ପଶାୟତ, ତ୍ରିନାଥ ସିଂହ, ରଶ୍ମି ସାହୁ, ସୁନିଲ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ପଠିତ ଗଳ୍ପ ଓ କବିତା ଗୁଡ଼ିକର ସମୀକ୍ଷା କରିଥିଲେ। ଶେଷରେ ଗୋପବନ୍ଧୁ ପାଠାଗାର ର ସମ୍ପାଦକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜୀବ ପାଣି, ଅଜୟ ମହାନ୍ତି, ପ୍ରତାପ ପଣ୍ଡା, କୁଞ୍ଜବିହାରୀ ରାଉତ,ଅଙ୍କିତ ରାଉତ, ତ୍ରିଲୋଚନ ସ୍ୱାଇଁ, ରବିନ୍ଦ୍ର ଦାସ, ସୁକାନ୍ତ ଚନ୍ଦ୍ର ଖୁଂଟିଆ, ପ୍ରଦୀପ ପଟ୍ଟନାୟକ, ଗିରିଜା ଶଙ୍କର ଗୋସ୍ୱାମୀ,ଡ ଶକ୍ତି ପ୍ରସାଦ ସାମନ୍ତରାୟ, ପୁରୁଷୋତ୍ତମ ବେହେରା, ପ୍ରତିମାବାଳା ମିଶ୍ର, ଶର୍ମିଷ୍ଠା କବିଶତପଥୀ, ସୁଚିତ୍ରା ଲେଙ୍କା, ଅଶୋକ ପଟ୍ଟନାୟକ, ଶରତ ମହାନ୍ତି,ଆଲୋକ ବୋଷ, ରମାକାନ୍ତ ଷଡ଼ଙ୍ଗୀ, ସୁଶାନ୍ତ ପାଣି, ପ୍ରବୋଧଚନ୍ଦ୍ର ଜେନା,ଗୌତମ ଦାସ, ଅତୁଲ୍ୟ ମହାକୁଡ, ଶଙ୍କର ପ୍ରସାଦ ତ୍ରିପାଠୀ, ନୃସିଂହ ଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀଙ୍କ ଉନ୍ମତ କାଣ୍ଡ :

## ମୋବାଇଲ୍ ଟାୱାର ଉଡ଼ାଇବା ସହିତ ଧମକପୂର୍ଣ୍ଣ ପୋଷ୍ଟର



ରାଉରକେଲା,୧୪/୧୦(ନି/ପ୍ର): ମାତ୍ର ଦୁଇ ଦିନ ପୂର୍ବରୁ ମାଓବାଦୀମାନେ ଜରେଇକେଲା ପୋଲିସ ସୀମା ଅନ୍ତର୍ଗତ କୋଲବଙ୍ଗାରେ ଏକ ମୋବାଇଲ୍ ଟାୱାର ଉଡ଼ାଇ ଦେଇଥିଲେ। ସେହି ଘଟଣାର ୪୮ ଘଣ୍ଟା ନପୁରୁଣୁ ଗତକାଲି ବିଳମ୍ବିତ ରାତିରେ, ମାଓବାଦୀମାନେ ପୁଣି ଆକ୍ରମଣ କରି ଏକ ମୋବାଇଲ ଟାୱାର ଉଡାଇବା ସହିତ ଧମକପୂର୍ଣ୍ଣ ମାଓ ପୋଷ୍ଟର ଲଗାଇଛନ୍ତି। ଏଥର ଛୋଟନାଗାରା ପୋଲିସ ଥାନା ଅନ୍ତର୍ଗତ ବାହାଡା ଗାଁରେ ଥିବା ସେମାନେ ଏକ ଏୟାରଟେଲ୍ ମୋବାଇଲ୍ ଟାୱାର ଉଡ଼ାଇ ଦେଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ପ୍ରାୟ ୧୨ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ ରାତି ୧ଟା ବେଳେ ଗାଁରେ ପ୍ରବେଶ କରିଥିଲେ। ସେମାନେ ଗାଁର ଲୋକମାନଙ୍କୁ ଘରୁ ବାହାରକୁ ନ ବାହାରିବାକୁ ଚେତାବନୀ ଦେଇଥିଲେ। ତାପରେ ମାଓବାଦୀମାନେ ମୋବାଇଲ୍ ଟାୱାରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ସହିତ ବିସ୍ଫୋରଣ ଘଟାଇଥିଲେ। ଯାହା ଫଳରେ ଏକ ଜୋରଦାର ବିସ୍ଫୋରଣ ହୋଇଥିଲା। ଆକ୍ରମଣ ପରେ, ମାଓବାଦୀମାନେ ସେହି ସ୍ଥାନରେ ପୋଷ୍ଟର ଲଗାଇ ନିକଟବର୍ତ୍ତୀ ଜଙ୍ଗଲରେ ଅଦୃଶ୍ୟ ହେବା ପୂର୍ବରୁ ସେମାନଙ୍କ ସାଥୀଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଧମକ ଦେଇଥିଲେ। ଏହି ଘଟଣା ଗ୍ରାମବାସୀଙ୍କୁ ଭୟଭୀତ କରିଦେଇଛି। ଆଜି ସକାଳେ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଚିଂ ଆଖପାଖ ଅଚଂଳରେ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ସବିଶେଷ ତଥ୍ୟ ପରେ ମିଳିପାରିବ ବୋଲି କୁହାଯାଇଛି।

## ଧରାପଡ଼ିଲେ କୁଖ୍ୟାତ ମାଓବାଦୀ ସୁନିଲ ଗଞ୍ଝୁ

ବିଶ୍ରା,୧୪/୧୦(ନି/ପ୍ର): ଝାଡ଼ଖଣ୍ଡ ରାଜ୍ୟକୁ ଦୀର୍ଘ ସମୟ ଧରି ଭୟଭୀତ କରୁଥିବା ଜଣେ କୁଖ୍ୟାତ ମାଓବାଦୀ ଶେଷରେ ପୁଲିସ ଜାଲରେ ଧରାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ହଜାରିବାଗ ଜିଲ୍ଲାର ବାରକାଗାଁ ଅଚଂଳର ଜୋରାକଟ ଗାଁରୁ ସିପିଆଇ ମାଓବାଦୀର ପୂର୍ବତନ ଜୋନାଲ କମାଣ୍ଡର ସୁନିଲ ଗଞ୍ଝୁଙ୍କୁ ପୁଲିସ ଗିରଫ କରିଛି। ସୁନିଲ ଗଞ୍ଝୁ ୨୦୦୧ ମସିହାରେ ହୋଇଥିବା ବେଲଟୁ ଗଣହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିଲେ। ସେହି ଘଟଣାରେ ମାଓବାଦୀମାନେ ୧୩ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ସେ ସମୟରେ ମୃତକଙ୍କ ମୁଣ୍ଡ କାଟି ଫୁଟବଲ ଖେଳିଥିବା ଅଭିଯୋଗ ମଧ୍ୟ ହୋଇଥିଲା, ଯାହା ସମଗ୍ର ଦେଶରେ ଚାଂଚଲ୍ୟ ସୃଷ୍ଟି କରିଥିଲା। ସୁନିଲ ଗଞ୍ଝୁ ୧୯୯୦ରୁ ମାଓବାଦୀ ସଂଗଠନରେ ସକ୍ରିୟ ଥିଲେ।

# ଆସୁଛି ଧନତେରାସ୍ ଏବଂ ଦୀପାବଳି :

## ପୂଜା ସାମଗ୍ରୀ ପାଇଁ ବଜାରରେ ଭିଡ





ରାଉରକେଲା,୧୪/୧୦(ନି/ପ୍ର): ପାର୍ବଣ ଋତୁର ଆଗକୁ ଆସୁଛି ଧନତେରାସ୍ ଏବଂ ଦୀପାବଳି। ଅକ୍ଟୋବର ୧୮ ତାରିଖ ଠାରୁ ଆରମ୍ଭ ହେଉଛି ଧନତେରାସ୍। ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ଅଗ୍ରପୂଜ୍ୟ ଗଣେଶଙ୍କ ସହିତ ମା ଲକ୍ଷ୍ମୀଙ୍କ ପୂଜାକୁ ପ୍ରାଧାନ୍ୟ ଦେଇ ଧନତେରାସ୍ ଏବଂ ଦୀପାବଳି ପାଳନ କରାଯାଏ। ସେହିପରି ଭ୍ରାତା ଲକ୍ଷ୍ମଣ, ଶ୍ରୀ ହନୁମାନଙ୍କ ସହିତ ପତ୍ନୀ ସୀତା ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନକୁ ସମଗ୍ର ଭାରତ ବର୍ଷରେ ଦୀପାବଳି ଉତ୍ସବ ଭାବରେ ପାଳନ କରାଯାଇଥାଏ। ଧନତେରାସ୍ ଏବଂ ଦୀପାବଳିକୁ ନେଇ ରାଉରକେଲା ସହରର ପୂଜା ସାମଗ୍ରୀ ଦୋକାନ ସମେତ ମିଷ୍ଟାନ୍ନ ଦୋକାନ, ଲୁଗା ଦୋକାନ ଓ କୁମ୍ଭକାରଙ୍କ ମାଟି କଳସ, ମାଟି ଦୀପ ଇତ୍ୟାଦି ଦୋକାନମାନଙ୍କରେ କିଣାକିଣିକୁ ନେଇ ଭିଡ ଦେଖିବାକୁ ମିଳିଛି। ଏହିସବୁ ଦୋକାନରୁ ଧନତେରାସ୍ ଏବଂ ଦୀପାବଳି ପାଇଁ ଲୋକମାନେ ପୂଜା ସାମଗ୍ରୀ ସହିତ ଦୀପାବଳି ପାଇଁ ସାମଗ୍ରୀମାନ କିଣୁ ଥିବାରୁ ଭିଡ ମଧ୍ୟ ପରିଲକ୍ଷିତ ହେଉଛି। ରାଉରକେଲା ସହରର ଡେଲି ମାର୍କେଟ୍ ସମେତ ଉଦିତନଗର, ଛେଣ୍ଡ ଭିଏସ୍ଏସ୍ ମାର୍କେଟ, ପାନପୋଷ ମାର୍କେଟ୍, ବେଦବ୍ୟାସ, ଫର୍ଟିଲାଇଜର୍ ସହରାଂଚଳର ମାର୍କେଟ ସହ ଇସ୍ପାତ ସହରାଂଚଳର ସେକ୍ଟର-୧୯ ଆମ୍ବବାଗାନ୍ ମାର୍କେଟ, ଗଜପତି ମାର୍କେଟ ଓ ଅନ୍ୟାନ୍ୟ ମାର୍କେଟରେ ଏହି ଭିଡ ଦେଖିବାକୁ ମିଳିଛି।

# ସବଡେଗା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,୧୪/୧୦(ନି/ପ୍ର): ସବଡେଗା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ୍ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁରଜ ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୧୦୯ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୭୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗ ଗୁଡ଼ିକର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକ ଶ୍ରୀ ଧିରେନ୍ଦ୍ର ସେଠୀ, ଏସ ଡି ପି ଓ, ଶ୍ରୀ ନିର୍ମଳ କୁମାର ମହାପାତ୍ର, ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପିସ୍ତଲ୍, ଛୁରୀ ଧରି ଆତଙ୍କ ଖେଳାଇଥିବା ଯୁବକଙ୍କୁ କୋର୍ଟ ଚାଲାଣ

ରାଉରକେଲା,୧୪/୧୦(ନି/ପ୍ର): ରାଉରକେଲା ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ଗତକାଲି ଦୁଇ ଜଣ ଯୁବକ ପିସ୍ତଲ୍ ଏବଂ ଛୁରୀ ଧରି ଆତଙ୍କ ଖେଳାଇ ଥିଲେ। ଏହି ଦୁଇ ଯୁବକଙ୍କୁ ରଘୁନାଥପାଲି ଥାନା ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ପୋଲିସ୍ ଯୁବକ ମାନେ ବ୍ୟବହୃତ କରିଥିବା ସ୍କୁଟି , ପିସ୍ତଲ୍, ଏବଂ ଛୁରୀ ଜବତ କରିଛନ୍ତି। ଯୁବକଙ୍କ ବିରୁଦ୍ଧରେ ଲାଗିଛି ସଙ୍ଗୀନ୍ ଦଫା। ହତ୍ୟା ଉଦ୍ୟମ ସହ ଝିଅଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ଦଫା ଆଦି ଲାଗିଛି। ଅଭିଯୋଗ ଅନୁଯାୟୀ ଗତକାଲି ଦିନ ଦ୍ୱିପ୍ରହରେ ଏହି ଯୁବକ ଦ୍ୱୟ କଲେଜ୍ ସମ୍ମୁଖରେ ଜଣେ ଛାତ୍ରୀଙ୍କୁ କମେଂଟ କରୁ ଥିଲେ। ସ୍ଥାନୀୟ କିଛି ଯୁବକ ବିରୋଧ କରିବାରୁ ଅଭିଯୁକ୍ତ ଦ୍ୱୟ ଭୁଜାଲି, ପିସ୍ତଲ୍ ଧରି ଯୁବକ ମାନଙ୍କୁ ମାରିବାକୁ ଗୋଡ଼ାଇ ଥିଲେ। ପରେ ସ୍ଥାନୀୟ ଯୁବକ ମାନେ ଅଭିଯୁକ୍ତ ଙ୍କୁ ଧରି ପୋଲିସ୍ ଜିମା ଦେଇଥିଲେ। ତେବେ ଯୁବକମାନେ ବ୍ୟବହାର କରିଥିବା ପିସ୍ତଲ୍ ଖେଳନା ବନ୍ଧୁକ ବୋଲି ଜଣା ପଡ଼ିଛି। ଆତଙ୍କ ଖେଳାଇ ଥିବା ଯୁବକଙ୍କ ମଧ୍ୟରୁ ଜଣେ ପାନପୋଷ ଅଚଂଳର ହୋଇଥିବା ବେଳେ ଆଉ ଜଣେ ଉତର ପ୍ରଦେଶ ଅଚଂଳର ବୋଲି ଜଣା।

# ମହର୍ଷି ବାଲ୍ମୀକି ଜୟନ୍ତୀ ସମାରୋହ



ରାଉରକେଲା,୧୪/୧୦(ନି/ପ୍ର): ଚିନ୍ମୟ ଏକାଡେମୀ, ଫର୍ଟିଲାଇଜର ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସାରନଗରୀ ଶାଖାର ମିଳିତ ଆନୁକୁଲ୍ୟରେ ମାସିକ ସାହିତ୍ୟ ସମାବେଶ ସହ ମହର୍ଷି ବାଲ୍ମୀକୀ ଜୟନ୍ତୀ ଓ ରାମକଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫର୍ଟିଲାଇଜର ଆଇଡିଏଲ ଲିଙ୍କ୍ ରୋଡରେ ଥିବା ଚିନ୍ମୟ ଏକାଡେମୀ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବୟିତ୍ରୀ ଶୁଚିସ୍ମିତା ପଣ୍ଡା ମଚଂ ସଂଯୋଜନା କରିଥିଲାବେଳେ ଚିନ୍ମୟ ଏକାଡେମୀର ଅଧ୍ୟକ୍ଷ ତ୍ରିନାଥ ଦାଶ ମୋହନୀ ସଭାପତି, ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ମୁଖ୍ୟଅତିଥି, ଗାନ୍ଧୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ସୁରେନ୍ଦ୍ର କୁମାର ବେହେରା ବିଷୟ ବିଶେଷଜ୍ଞ ବରେଣ୍ୟ ବକ୍ତା ଭାବେ ଶ୍ୱେତଲିନା ଶତପଥୀ ଯୋଗଦେଇ ଆଲୋଚ୍ୟ ବିଷୟ 'ତ୍ୟାଗ ଓ ଆଦର୍ଶର ଶିଳ୍ପକାର: ବାଲ୍ମିକୀ ମହର୍ଷି' ସମ୍ପର୍କରେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଡ. ବେହେରା ଓ ଶ୍ରୀମତୀ ଶତପଥୀ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ରାମ ଚରିତ୍ର ସମସ୍ତଙ୍କ ପାଇଁ ଅନୁକରଣୀୟ। ରାମାୟଣରେ ୨୪ ହଜାର ଶ୍ଲୋକ ରହିଛି। ମଣିଷ ନିଜ କର୍ମ ଦ୍ୱାରା ମହାନ ହୁଏ। ଆଚରଣରୁ ଧର୍ମର ପ୍ରତିଷ୍ଠା ହୋଇଥାଏ। ରାମଚନ୍ଦ୍ର ଆମର ପୂର୍ବଜ। ବାଲ୍ମିକୀ ତାଙ୍କ ରାମାୟଣରେ ତ୍ୟାଗ, ବଳିଦାନ, ପିତୃସତ୍ୟ ପାଳନ ଓ କର୍ତ୍ତବ୍ୟବୋଧ ସମ୍ପର୍କରେ ଲେଖିଥିବା ତଥ୍ୟ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ଦାଶ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ସ୍ଥିତିକୁ ଦେଖି ସମାଜରେ ଏଭଳି ଆଲୋଚନା ନିଶ୍ଚିତ ଫଳପ୍ରଦ ହେବ ବୋଲି ଆଶା ପୋଷଣ କରିଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ଦାସ ମୋହିନୀ ସଭାପତିତ୍ୱ ଅଭିଭାଷଣରେ ଏଭଳି କାର୍ଯ୍ୟକ୍ରମ ଆଗକୁ ବଜାୟ ରଖିବା ସହ ଛାତ୍ର-ଛାତ୍ରୀଙ୍କୁ ଏଥିରେ ସାମିଲ କରି ସେମାନଙ୍କର ନୈତିକ ମୂଲ୍ୟବୋଧକୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ମହାନଗର ସଂଗଠନ ସମ୍ପାଦକ କୁଞ୍ଜବିହାରୀ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ, ନଗର ଉପସଭାପତି ସୁବାସ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପ୍ରାକ୍ କଥନ ଦେଇଥିଲାବେଳେ ଦ୍ୱାଦଶ ଶ୍ରେଣୀର ଛାତ୍ର ସାହିଲ ପ୍ରଧାନ ଭିନ୍ନି ପ୍ରବନ୍ଧ ପାଠ କରିଥିଲେ। ଶେଷରେ ସମ୍ପାଦକ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମନୋଜ କୁମାର ଚୌଧୁରୀ ଓ ସାହିଲ ପ୍ରଧାନ ପରିଷଦର ଆଜୀବନ ସଦସ୍ୟତା ପାଇଁ ପରିଷଦର ରାଉରକେଲା ମହାନଗରର ସାଧାରଣ ସମ୍ପାଦକ ଡ. ସୁଷମା ମୋଦୀ ଓ ସମ୍ପର୍କ ପ୍ରମୁଖ ଧରିତ୍ରୀ ପାଇକରାୟ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଗୌରାଙ୍ଗ ଦାଶ, ଅଚ୍ୟୁତ କୁମାର ଷଡ଼ଙ୍ଗୀ, ବିଜୟ ମିଶ୍ର, ହରିହର ବେହେରା, ଅଶୋକ ସାମଲ, ପ୍ରତିଭା ଦାଶ ମୋହନୀ, ସୁବର୍ଣ୍ଣ ଦନ୍ନ, ସୁବର୍ଣ୍ଣ ବେହେରା, ଲୀଳାବତୀ ମହାପାତ୍ର, ଆରତୀ ଦାଶ, ମୀନତି ପାଢ଼ୀ, କରୁଣାକର ପାଟ୍ଟଶାଣୀ, ପ୍ରମୋଦ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ଆରଏସପି ଦ୍ୱାରା ପ୍ରମୁଖ ମାଇଲଖୁଟଂ ଅତିକ୍ରମ : ଷ୍ଟିଲ୍ ମେଲ୍ଟିଂ ସପ୍-୨ ରେ ନୂତନ ଅତ୍ୟାଧୁନିକ କାଷ୍ଟର-୪ ରୁ ପ୍ରଥମ କାଷ୍ଟ୍ ସମ୍ପନ୍ନ



ରାଉରକେଲା,୧୪/୧୦(ନି/ପ୍ର):ଉତ୍କର୍ଷତା ଦିଗରେ ଆଉ ଏକ ଐତିହାସିକ ସଫଳତା ସ୍ୱରୂପ ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅକ୍ଟୋବର ୧୩ ତାରିଖରେ ଏହାର ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ ୨) ରେ ସ୍ଥାପିତ ନୂତନ କାଷ୍ଟର-୪ ରୁ ପ୍ରଥମ କାଷ୍ଟ୍ ସଫଳତାର ସହିତ ସମ୍ପାଦିତ କରିଛି। ଇସ୍ପାତ ନିର୍ମାଣ କ୍ଷମତା ବିସ୍ତାର ଏବଂ ଭବିଷ୍ୟମୁଖୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଲକ୍ଷ୍ୟରେ ଆରଏସପି ସାମୁହିକଙ୍କ ନିରବଚ୍ଛିନ୍ନ ଦଳଗତ ପ୍ରୟାସ, ସୂକ୍ଷ୍ମ ଯୋଜନା ଏବଂ ଇଞ୍ଜିନିୟରିଂ ପ୍ରତିଭାର ସମ୍ମିଳିତ ସ୍ୱରୂପର ଏହି ମାଇଲଖୁଟଂ ହାସଲ ହେଉଛି ଏକ ପ୍ରତିବିମ୍ବ । କନସୋର୍ସିୟମ୍ ଲିଡର ଭାବେ ନୂଆଦିଲ୍ଲୀ ସ୍ଥିତ ମେସର୍ସ ଏସଏମଏସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ତଥା କନସୋର୍ସିୟମ୍ ସଦସ୍ୟ ରୂପେ ମେସର୍ସ ଏସଏମଏସ ଗ୍ରୁପ୍ ଜିଏମବିଏଚ, ଜର୍ମାନୀ (ଏସଡିଇ) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି କାଷ୍ଟର-୪ ପ୍ରକଳ୍ପ, ୨୦୨୨ ଫେବୃଆରୀ ୧୬ ତାରିଖ ରେ ଚୁକ୍ତି ସ୍ୱାକ୍ଷରିତ ହେବା ଦିନ ଠାରୁ ୪୪ ମାସ ମଧ୍ୟରେ ଉକ୍ତ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଏହି କ୍ଷମତାର ଯେକୌଣସି ସ୍ଲାବ୍ କାଷ୍ଟର ପ୍ରକଳ୍ପ ପାଇଁ ସମଗ୍ର ସେଲରେ ଏହା ରେକର୍ଡ ଅବଧି ଅଟେ । ଉଲ୍ଲେଖନୀୟ ଯେ, ଏହି ମାଇଲଖୁଟଂ ହାସଲର ଯାତ୍ରା ଶୂନ୍ୟ ସୁରକ୍ଷା ଘଟଣା ସହ ସମ୍ପନ୍ନ ହୋଇଥିଲା, ଯାହା ଆରଏସପିର ଶୂନ୍ୟ ଦୁର୍ଘଟଣା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ବଜାୟ ରଖିପାରିଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟ ସୁରକ୍ଷା ପ୍ରୋଟୋକଲର ସର୍ବାଧିକ ଅନୁପାଳନ ସହିତ ସମ୍ପାଦିତ ହୋଇଥିଲା, ଯାହା କାରଖାନାର ଦୃଢ ସୁରକ୍ଷା ସଂସ୍କୃତି ଏବଂ ସୁରକ୍ଷିତ ବୃତ୍ତିଗତ ଅଭ୍ୟାସକୁ ପ୍ରତିଫଳିତ କରିଥିଲା। ପ୍ରକଳ୍ପ ଟିମର ଉତ୍କୃଷ୍ଟ ଯୋଜନା ଏବଂ ଆନ୍ତଃ-ବିଭାଗର ସୁସମନ୍ୱୟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସଟଡାଉନ ସହିତ ପୂର୍ବରୁ କାର୍ଯ୍ୟକ୍ଷମ ୟୁନିଟ୍ ସହିତ ଜଟିଳ ଇଟଂରଫେସିଂ, ସ୍ଥାନ ପରିସୀମା ଜନିତ ଜଟିଳତା ଏବଂ ସିଙ୍କ୍ରୋନାଇଜେସନ ଭଳି ବହୁ ବ୍ରାଉନଫିଲ୍ଡ ଚ୍ୟାଲେଞ୍ଜକୁ ଦୂର କରାଯାଇଥିଲା। ଉଲ୍ଲେଖନୀୟ ଯେ, ପୂର୍ବ ଯୋଜନା ମୁତାବକ ସମସ୍ତ ସଟଡାଉନ କାର୍ଯ୍ୟ ସମୟସୀମା ପୂର୍ବରୁ ସମାପ୍ତ ହୋଇଥିଲା, ଯାହା ପୂର୍ବ ଭଳି କାରଖାନାରୁ ହେଉଥିବା ନିରବଚ୍ଛିନ୍ନ ଉତ୍ପାଦନକୁ ମଧ୍ୟ ସୁନିଶ୍ଚିତ କରିଥିଲା। ବୈଷୟିକ ଜ୍ଞାନ କୌଶଳରେ ନୂତନ କାଷ୍ଟର-୪ ର ଏକ ଅତ୍ୟାଧୁନିକ ସୁବିଧା ରୂପେ ଉଭା ହୋଇଛି ଯାହା ଉନ୍ନତ ମୋଲ୍ଡ ଅସିଲେସନ ପ୍ରଣାଳୀ, ବିଓପିଏସ, ଏଏମଏଲସି ସିଷ୍ଟମ, ଆରଏଏମ, ଅତ୍ୟାଧୁନିକ ଲେଭେଲ-୨ ଅଟୋମେସନ, ସଠିକ୍ ନିୟନ୍ତ୍ରଣ ପାଇଁ ହାଇ ସ୍ପିଡ ଡାଟା ଇଟଂଗ୍ରେସନ ଏବଂ ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣଗୁଡ଼ିକର ପୂର୍ବାନୁମାନିକ ସ୍ଥିତି ମନିଟରିଂ ପାଇଁ ଇଣ୍ଡଷ୍ଟ୍ରି ୪.୦ ସେନ୍ସର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଡିଜାଇନ କରାଯାଇଛି । ଏହି ସମସ୍ତ ଉନ୍ନତତର ବୈଶିଷ୍ଟ୍ୟ ନୂତନ କାଷ୍ଟରକୁ ଦେଶର ସବୁଠାରୁ ଉନ୍ନତ ମାନର ସ୍ଲାବ ମଧ୍ୟରୁ ଅନ୍ୟତମର ଅମାନ୍ୟତା ଦେଉଛି, ଯାହା ଦକ୍ଷତାର ସହ ସ୍ଥାୟୀ ଭାବରେ ଉନ୍ନତମାନର ସ୍ଲାବ ଉତ୍ପାଦନ କରିବାରେ ସକ୍ଷମ। ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ମାର୍ଗଦର୍ଶନ ଏବଂ ନିରନ୍ତର ପ୍ରୋତ୍ସାହନରେ ଏହି ମାଇଲଖୁଟଂ ହାସଲ ହୋଇଛି । ଏହି ମହତ୍ୱପୂର୍ଣ୍ଣ ପ୍ରଥମ କାଷ୍ଟିଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମୁନ୍ନା ପ୍ରସାଦ ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ, ବିନ୍ତ ଓ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା, ଏସ ଏମ ଏସ ୨ ବିଭାଗର ସିଜିଏମ ଶ୍ରୀ ଏମ.ଜି. ଶ୍ରୀକାନ୍ତ ତଥା ପ୍ରକଳ୍ପ, ଏସ ଏମ ଏସ ୨ ସହ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଆରଏସପି ସାମୁହିକଙ୍କୁ ଅଭିନନ୍ଦନ ଜଣାଇ ଡିଆଇସି ଶ୍ରୀ ବର୍ମା କହିଛନ୍ତି ଯେ,ମୁଁ ଆମର ପ୍ରୋଜେକ୍ଟ, ୱାର୍କସ୍ ଏବଂ ପ୍ରଯୁକ୍ତି ଯୋଗାଣକାରୀ ଦଳଙ୍କୁ ନେଇ ଗର୍ବିତ। ଆପଣ ସମସ୍ତଙ୍କୁ ପରସ୍ପର ସହଭାଗିତା କରିବା, ପରସ୍ପରକୁ ସହଯୋଗର ମୋନୋବୃତ୍ତି ତଥା ପ୍ରତ୍ୟେକ ପ୍ରତିବନ୍ଧକକୁ ସଫଳତାର ସହ ସାମ୍ନା କରିବା ପ୍ରତ୍ୟାଖ୍ୟା କରିବା ଏକ ସୌଭାଗ୍ୟର କଥା। ଏହି ସଫଳତାର ଶ୍ରେୟ ଆପଣ ସମସ୍ତଙ୍କର। ଆପଣଙ୍କ କଠିନ ପରିଶ୍ରମ ପାଇଁ ଆପଣମାନଙ୍କୁ ଧନ୍ୟବାଦ। ଏକ ମହାନ ଏବଂ ଅଭୂତପୂର୍ବ ସଫଳତା ପାଇଁ ଅଭିନନ୍ଦନ। ଆସନ୍ତୁ ଆମେ ଆର ଏସ୍ ପି ଏବଂ ସମଗ୍ର ସେଲ କୁ ଉଚ୍ଚ ଶିଖର ରେ ରଖିବା ସହ ମନେ ରଖିବା ଯେ ଇସ୍ପାତ କେବଳ ଆମେ ତିଆରି କରୁଛନ୍ତି ତାହା ନୁହେଁ, ବରଂ ଇସ୍ପାତ ଆମେ ନିଜେ ମଧ୍ୟ ଅଟୁ। ଉଲ୍ଲେଖ ଯୋଗ୍ୟ ଯେ, ଏହି ସଫଳତା ପ୍ରୋଜେକ୍ଟ ଟିମ୍, ଏସଏମଏସ-୨ ବିଭାଗ, ପରାମର୍ଶଦାତା ସି ଇ ଟି ଏବଂ ସମସ୍ତ ସମ୍ପୃକ୍ତ ବିଭାଗର ସମନ୍ୱିତ ପ୍ରୟାସ ଏବଂ କନସୋର୍ସିୟମ୍ ଅଂଶୀଦାର ପ୍ରକୃଷ୍ଟ ସହଯୋଗର ଏକ ପ୍ରମାଣ ଅଟେ ଯେଉଁମାନେ ଏହି ପ୍ରକଳ୍ପକୁ ସଫଳ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି। କାଷ୍ଟର-୪ ରୁ ପ୍ରଥମ କାଷ୍ଟ ହେଉଛି ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନର ଏକ ଉଜ୍ଜ୍ୱଳ ଉଦାହରଣ, ଯାହା କାର୍ଯ୍ୟର ପ୍ରତ୍ୟେକ କ୍ଷେତ୍ରରେ ନବସୃଜନ, ସୁରକ୍ଷା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧ ଏକ ଭବିଷ୍ୟ-ପ୍ରସ୍ତୁତ ଇସ୍ପାତ କାରଖାନା ଭାବେ ଆରଏସପିର ପ୍ରତିଛବିକୁ ଦୋହରାଇଛି ।